ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଫେବୃୟାରୀ ୨୦-ମାର୍ଚ୍ଚ ୫, ୨୦୧୯

**ସୃଜନ-ଆଳାପ** : ମନୋଜ ଦାସ

**ପ୍ରଥମ ବହି** : ନିରଞ୍ଜନ ପତି

**ପହିଲି ପୁଲକ** : ଦିଲୀପ କୁମାର ସ୍ୱାଇଁ


**ବିଶେଷ ଗଳ୍ପ** : ଡ.ମଣୀନ୍ଦ୍ର କୁମାର ମେହେର






# ଫୁଲ ପାଖୁଡ଼ା

**ନିରଞ୍ଜନ ପତିଙ୍କ ଜନ୍ମ ୨୫ ଡିସେମ୍ବର ୧୯୬୫ରେ, ଢେଙ୍କାନାଳ ଜିଲାର ମହିମାଗାଦି ନିକଟସ୍ଥ ବାଇଁଶିଆ ଗାଁରେ। ପ୍ରଥମେ କଲେଜ ଜୀବନରେ ତୂଳୀ ସହିତ କାଳିର ସମନ୍ୱୟ ଘଟି ଚିତ୍ର ଓ ଲେଖା ଏକସଙ୍ଗେ ଆରମ୍ଭ ହୋଇଥିଲା। ୧୯୮୦-୮୧ରୁ ଆଜି ପର୍ଯ୍ୟନ୍ତ ଲେଖନୀ ନିରବଚ୍ଛିନ୍ନ ଭାବେ ଚଳଚଞ୍ଚଳ। କବିତା, ଗଳ୍ପ, ପ୍ରବନ୍ଧ, ଧର୍ମକଥା, ବ୍ୟଙ୍ଗ ରଚନା, ବ୍ୟଙ୍ଗ କବିତା, ଶିଶୁକିଶୋର ସାହିତ୍ୟ- ସବୁ କ୍ଷେତ୍ରରେ ସାଧନା ବଳବତ୍ତର ଅଛି। ନିରଞ୍ଜନ କବିଜ୍ୟୋତି ନିରଞ୍ଜନ ଭାବେ ପାଠକ ମହଲରେ ପରିଚିତ...**



ନିରଞ୍ଜନ ପତି

୧୯୯୨ରେ ବିଭିନ୍ନ ପ୍ରମୁଖ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ମୋର ଲେଖା ପ୍ରକାଶ ଆରମ୍ଭ ହେଲା। ଗଳ୍ପ, କବିତା, ପ୍ରବନ୍ଧ ଆଦି ସବୁ ବିଭାଗରେ କଲମ ଚାଳନା ଜାରି ଥିଲେ ବି ବିଶେଷକରି ଶିଶୁ ସାହିତ୍ୟ ଓ ବ୍ୟଙ୍ଗ କବିତାରେ ମୋର ଥାଏ ବିଶେଷ ଆତ୍ମସନ୍ତୋଷ ଏବଂ ଏ ନେଇ ପାଠକୀୟ ଆଦୃତି ମଧ୍ୟ ମୋତେ ଅପେକ୍ଷାକୃତ ଅଧିକ ମିଳେ। ୨୦୦୦ ମସିହାରେ କଟକର ଗୁରୁଦାସ ବାନାର୍ଜୀଙ୍କ ସରଯୂଶ୍ରୀ ପ୍ରକାଶନ ଦ୍ୱାରା ମୋର ପ୍ରଥମ ଶିଶୁ କିଶୋର ଗଳ୍ପ କବିତା ପୁସ୍ତକ 'ଫୁଲ ପାଖୁଡ଼ା' ପ୍ରକାଶିତ ହେଲା।





ଇତିମଧ୍ୟରେ ମୋର ଆଉ ୧୧ ଖଣ୍ଡ ବିଭିନ୍ନ ଗଳ୍ପ, କବିତା, ସାୟରୀ ପୁସ୍ତକ ପ୍ରକାଶିତ ହୋଇସାରିଲାଣି। କିନ୍ତୁ ପ୍ରଥମ ବହିର ଯେଉଁ ଉପଲବ୍ଧି, ପାଠକୀୟ ଆଦୃତି ଓ ତଜ୍ଜନିତ ଆନନ୍ଦ ଏ ପର୍ଯ୍ୟନ୍ତ ତାହା ସତେଜ ଅଛି। ସେ ବହିଟିକୁ ମୋର ପାଠକମାନେ ଏବେ ସୁଦ୍ଧା ସାଇତି ରଖି ମୋତେ ଦେଖାହେଲେ କହନ୍ତି। ତା'ର ଗୀତ ଗୁଣୁଗୁଣେଇ ହୁଅନ୍ତି। ଏବେ ମଧ୍ୟ ପ୍ରକାଶକ ବାନାର୍ଜୀ ଭାଇନା ମୋତେ ମନେରଖି ତା'ର ପୁନଃ ସଂସ୍କରଣ ପାଇଁ ପ୍ରସ୍ତାବ ଦିଅନ୍ତି। ସେ ବହିଟି ପ୍ରଥମ ମୁଦ୍ରଣରେ ଏକ ହଜାର ଛପା ହୋଇଥିଲେ ବି ମୋ' ପାଖରେ ସେଥିରୁ ମାତ୍ର ଦୁଇ କପି ଗଚ୍ଛିତ ଅଛି। ମୋ' ଜୀବନର ଅମୂଲ୍ୟ ଧନ ପରି ତାହାକୁ ମୁଁ ସାଇତି ରଖିଛି।

ମୋ' ମତରେ କବି ଓ ପ୍ରେମିକ ଯେପରି କହନ୍ତି ପ୍ରଥମ ପ୍ରେମ ଅଭୁଲା, ପ୍ରଥମ ଚିଠି ସ୍ମରଣୀୟ, ସେହିପରି 'ପ୍ରଥମ ବହି'ର ପୁଲକ ମଧ୍ୟ ନିହାତି ଅଭୁଲା, ଚିରସ୍ମରଣୀୟ। ସେ ଦିନର ସେ 'ଫୁଲ ପାଖୁଡ଼ା'ର ପ୍ରତିଟି ପାଖୁଡ଼ା ମୋ' ଜୀବନରେ ଯେଉଁ ଅପୂର୍ବ ମହକ ଭରିଦେଇଛି, ସେ ସ୍ମୃତି ତାଜା ରହିବ ମୁଁ ଥିବାଯାଏଁ।




# ଅଶୁଦ୍ଧ ମୁଦ୍ରଣ ପାଠକକୁ ଚିଡ଼େଇ ଦିଏ...




ମହାଶୟ,

* ୨୩ ଜାନୁୟାରୀ-୫ ଫେବୃୟାରୀ 'ସାହିତ୍ୟାୟନ'ର ପୁସ୍ତକ ପରିଚୟ ସ୍ତମ୍ଭରେ ସମୀକ୍ଷା ପାଠ କରିବା ପରେ ଆପଣଙ୍କ କାଗଜକୁ ସମୀକ୍ଷା ପାଇଁ ବହି ପଠାଇବାକୁ ମନ କରୁଛି। 'ସାହିତ୍ୟ ସ୍ରୋତସ୍ୱିନୀ' ସମ୍ପର୍କରେ ଆପଣଙ୍କର ଖିନ୍‌ଭିନ୍ ତର୍ଜମା ବାସ୍ତବରେ ଲେଖକମାନଙ୍କୁ ସଚେତନ କରାଇବା ଭଳି ମାର୍ଗ ଦର୍ଶନ। ଏଭଳି ସମୀକ୍ଷା ବଳରେ ଲେଖକଟିଏ ତା'ର ଲେଖାକୁ ସେଇ ମାଫିକେ ବାଗେଇପାରିବ। ଯାହା ଲେଖିଦେଲେ ସାହିତ୍ୟ ହୋଇଯାଏ, ଏ ବଦ୍ଧ ଧାରଣା ଦୂରୀଭୂତ ହେବ। ଏ ସମୀକ୍ଷା ତ ନୁହେଁ, ଏକ ସତର୍କବାଣୀ ଲେଖିକା ଲେଖକମାନଙ୍କୁ। ଆପଣଙ୍କ ସମୀକ୍ଷା ହିଁ ଲେଖକମାନଙ୍କ ପାଇଁ ତଥା ପ୍ରକାଶକଙ୍କ କ୍ଷେତ୍ରରେ ଏକ ଦିଗବାରେଣୀ। ମୁକ୍ତବାକ୍ ସମୀକ୍ଷକଙ୍କୁ ଅନେକ ବଧେଇ। ଡିଟିପି ଅପରେଟର ଅନେକ ଭୁଲ୍ କଲାବାଲା ଅଛନ୍ତି ଏବଂ ଲେଖକ ନିଦାବିଷ୍ଟ ସାଜି କିଛି ଦେଖନ୍ତିନି, ବହୁକ୍ଷେତ୍ରରେ ଏପରି କି ସ୍ମରଣିକାମାନଙ୍କର ସମ୍ପାଦକ ବି।

ଅଶୁଦ୍ଧ ମୁଦ୍ରଣ ପାଠକକୁ ଚିଡ଼େଇଦିଏ। ପ୍ରକାଶକ ଲେଖକଠାରୁ ସିଡୀ ନେଇ ବହି ଛାପିଦିଅନ୍ତି; ସେମାନେ କହନ୍ତି ଆମର କିଛି ଭୁଲ୍ ନାହିଁ। କିନ୍ତୁ ଭୁଲ୍ (ପ୍ରଳମ୍ବ ଅଶୁଦ୍ଧିପୂର୍ଣ୍ଣ ପୁସ୍ତକ) ପାଇ ଛାପିଲେ ନାମକରା ପ୍ରକାଶକଙ୍କ ଗୌରବରେ କଳାଦାଗ ଲାଗେ ନା ନାହିଁ? ତେଣୁ ଆପଣଙ୍କ ସମୀକ୍ଷା ଆଧାରରେ ଡିଟିପି ଅପରେଟର, ଲେଖକ ଓ ପ୍ରକାଶକ ସଚେତନ ହେଲେ ଛପା ହୋଇଥିବା ବହିର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ।

*– କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଲାସୁଣୀ, ନିଆଳୀ, କଟକ*

* ଖୁସି ହେବେ କି କ'ଣ ଜାଣେନା, ମୋତେ ଆନ୍ଦୋଳିତ କରିଛି ଏଥରର 'ସାହିତ୍ୟାୟନ' ସଂଖ୍ୟା ଜାନୁୟାରୀ ୨୩ରୁ ଫେବୃୟାରୀ ୫, ୨୦୧୯ର ସାହିତ୍ୟ ପୃଷ୍ଠା। ଓଡ଼ିଶାର ବିଶିଷ୍ଟ ଔପନ୍ୟାସିକ ଡ. ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମତାମତ। ତାଙ୍କୁ ପ୍ରଶ୍ନ ପଚରାଯାଇଛି, ସେ ସ୍ଥିର ମଗ୍ନ ଚିତ୍ତରେ ସବୁ ପ୍ରଶ୍ନର ଉତ୍ତର ସାଙ୍ଘାତିକ ଭାବେ ସହଜରେ ହସିହସି ଦେଇଛନ୍ତି। 'ଗୂଢ଼ ଦର୍ଶନ ଓ ରହସ୍ୟ ହିଁ ଉପନ୍ୟାସର ଆତ୍ମା।' ଉପନ୍ୟାସ ଯାହା କେବେ ସାଧାରଣ ପାଠକଙ୍କ ପାଇଁ ଲେଖାହୁଏନା। ନୂତନ ଉପଲବ୍ଧି, ନୂତନ ଚେତନା ଓ ନୂଆ ଦର୍ଶନ ମାଧ୍ୟମରେ ଉପସ୍ଥାପନା ଦ୍ୱାରା ଧର୍ମ ଓ ବିଶ୍ୱଚେତନାର ଜୀବନ୍ତ ଉତ୍ସ ହିଁ ସାହିତ୍ୟ ଓ ସାହିତ୍ୟ କଥା। ଶତପ୍ରତିଶତ କଥା ହିଁ ତାଙ୍କର ଠିକ୍ ଓ ସତ୍ୟର ପ୍ରକଟନ। ଜଣେ ବିଜ୍ଞାନର ଛାତ୍ର ଓ ପ୍ରଫେସର। ସାହିତ୍ୟକୁ ନିଜ ଭାଷାରେ ଦାଣ୍ଡ ମାରି ଲେଖନ୍ତି। ଖୁବ୍ ବିରଳ ଲୋକେ ଏପରି ଲେଖନ୍ତି। ତାଙ୍କୁ ମୁଣ୍ଡନୁଆଁ ପ୍ରଣାମ।

ଅନ୍ୟ ଏକ ଲଘୁ ଗଳ୍ପ, ସୁନୀଲ ବୋଷଙ୍କର 'କାକର ଗେଣ୍ଡାଟିଏ ସେଇ ଭିଜାଭିଜା କାକର ଚାଳ'। ଛୋଟିଆ ଗଳ୍ପଟିଏ ଅବଶ୍ୟ। ଭାରି ମନ ମୋହିଲା ମୋର। ସେ କହନ୍ତି, 'ଥୋଡ଼େ ଗଡୁଛନ୍ତି ଫୁଟ୍‌ପାଥ୍‌ରେ, ମୁଣ୍ଡ ଉପରେ ଚାଳଟିଏ ବି ନାହିଁ, ଅଛି ଖାଲି ଖଣ୍ଡେ ଆକାଶ! ଅବଶ୍ୟ ଏଇ କାକରଭିଜା ଚିତ୍ରିତ ଚାଳ, ଗେଣ୍ଡାଟିଏ ଭଳି ବି ଘରଟିଏ ଛାଡ଼ିଲେନି ଆମକୁ।' ହେ ଭଗବାନ୍! ଧନ୍ୟବାଦ ସେମାନଙ୍କୁ।

*– ଡ. ଅବନୀ ପ୍ରଧାନ, ଭିଆଇପି ରୋଡ୍, ମୋଟେଲ ଛକ, ଭଦ୍ରକ*

* ସେଦିନ ଥିଲା ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ବୋଷ- ଦୁଇ ଓଡ଼ିଆ ବୀର, ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ। ଭୋରରୁ ପିଲାମାନଙ୍କ ପରେଡ୍ ବ୍ୟାଣ୍ଡରେ ନିଦ ଭାଙ୍ଗିଗଲା। ଶୀତୁଆ ସକାଳରେ ପରେଡ୍ ଦେଖିବାକୁ ଗଲି ଗେଟ୍ ପର୍ଯ୍ୟନ୍ତ। ଗଲା ପରେ ହକର୍ ଭାଇ ହାତରୁ ପାଇଲି 'ସାହିତ୍ୟାୟନ' ସହ ଧରିତ୍ରୀ, ଆକର୍ଷଣୀୟ ପ୍ରଚ୍ଛଦ, ତଥା ମନଲୋଭା ସମ୍ଭାରକୁ ଏକ ନିଃଶ୍ୱାସକେ ପଢ଼ିବାକୁ ଲାଗିଲି। 'ପ୍ରଥମ ବହି'ର ସର୍ଜନାକାରିଣୀ ସଂଘମିତ୍ରା ରଥଙ୍କର 'ଅନ୍ୱେଷିତା'ର ସୃଷ୍ଟି ମୂଳରେ ରହିଛି ସତତଃ ଅନ୍ୱେଷଣ। 'ସୃଜନ ଆଳାପ'ର କୂଜନ ସୃଷ୍ଟିକାରୀ ଶାନ୍ତନୁବାବୁଙ୍କର 'ଗୂଢ଼ଦର୍ଶନ ଓ ରହସ୍ୟ ହିଁ ଉଚ୍ଚକୋଟୀର ଉପନ୍ୟାସର ଆତ୍ମା' ବାସ୍ତବରେ ଶିକ୍ଷଣୀୟ। ସୁନୀଲ ବାବୁଙ୍କ ଲଘୁ ଗଳ୍ପର ନାୟକ ମୋବାଇଲ ଘର, ବେଘର ଦପ୍ତରର ଚାକିରି ପାଇବାଠାରୁ ଆହୁରି କଷ୍ଟକର ବ୍ୟାପାରକୁ ସରଳ ସମାଧାନ କରିଦେଇଛି ଗେଣ୍ଡାଟିଏ। ରସ୍କିନ ବଣ୍ଡ୍‌ଙ୍କ ମୂଳଗଳ୍ପ 'ସହଯାତ୍ରୀ' ଶେଷ ପର୍ଯ୍ୟନ୍ତ ରୋମାଞ୍ଚଭରା। ବେନି ଜଣେ ଏକା ଦଶା। ଅଣୁଗଳ୍ପର ରେଣୁଟିଏ 'ରାସ୍ତା' କାହାପାଇଁ ଆଗ ତ କାହା ଲାଗି ପଛ। ଏଥର କବିତା ବଜାରରେ (ମଣିଷକୁ ଭଲପାଏ) ମୁଠାଏ ଭାତ ପାଇଁ / କାଣିଚାଏ ଛାତ ପାଇଁ / ବକଟେ ଲୁଗା ପାଇଁ / ସଂଘର୍ଷ କରୁଥିବା ମୁଁ, କିନ୍ତୁ ମଣିଷକୁ ଭଲପାଏ। ତୁମେ କିନ୍ତୁ ଭଲ ପାଇ ଶିଖିନ ମଣିଷକୁ, ଯେଉଁ ସିଂହାସନରେ ବସିଛ ତାକୁ ତିଆରି କରିଥିବା ମଣିଷକୁ। 'ପହିଲି ପୁଲକ'ରେ ରଞ୍ଜନବାବୁ ପାଠାଗାରରୁ ଅଞ୍ଜନ ସଂଗ୍ରହ କରି ପାଠକମାନଙ୍କର ମନୋରଞ୍ଜନରେ ବ୍ୟସ୍ତ।

*– ସୁସ୍ମିତା ପୁରୋହିତ, ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

* 'ସାହିତ୍ୟାୟନ'ର ଯେଉଁସବୁ ଗପ ପ୍ରକାଶ ପାଇଲେ ପତ୍ରିକାର ମାନ ଆହୁରି ଉଚ୍ଚସ୍ତରକୁ ଯିବ, ସେସବୁ ଗପ ପ୍ରକାଶ କରିବା ଉଚିତ। ଯେଉଁ ଗପ ସବୁ ପାଠିକାପାଠକମାନେ ବାରମ୍ବାର ପଢ଼ି ତନ୍ମୟ ହେବେ। 'ମାଗୁଣିର ଶଗଡ଼', 'ଧୂଳିଆ ବାବା', 'ମଧୁବନର ମେୟର', 'ମାଂସର ବିଳାପ', 'ଭାଇ ଭାଗ', 'ଛିନ୍ନହସ୍ତା', 'ବୁଢ଼ା ଶଙ୍ଖାରୀ', 'ନଅଙ୍କ ଦୁର୍ଭିକ୍ଷ', 'ପ୍ରଣୟର ଅଦ୍ଭୁତ ପରିଣାମ', 'ପ୍ରଣିପାତ' ଆଉ ଏପରି ଅନେକ କାଳଜୟୀ ଗପ ରହିଛି। ସେସବୁ ପ୍ରକାଶ କଲେ ସାହିତ୍ୟାୟନ ନାହିଁ ନଥିବା ଖ୍ୟାତି ଅର୍ଜନ କରିବ। ସମ୍ପାଦନାମଣ୍ଡଳୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ। ପ୍ରବନ୍ଧ ଏବେ ପ୍ରକାଶ ପାଉନି। ପଣ୍ଡିତ ନୀଳକଣ୍ଠଙ୍କର 'ଯଉବନର ପ୍ରଭାବ ଓ ପ୍ରତିଷ୍ଠା', 'ଅଛୁ ଓ ଆମ୍ଭେ', 'ଆର୍ଯ୍ୟ ଜୀବନ' ପ୍ରକାଶ କରନ୍ତେ ନି!

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଆତ୍ମନେପଦୀ

ସୁନୀତି ଦେବୀ

ଗଳ୍ପ

ଏମିତି କାହିଁକି ହୁଏ ବାପାମାଆ ଜନ୍ମ ଦେଇ କ'ଣ ବଡ଼ କଲେ ବୋଲି ଜବରଦସ୍ତ ଋଣ ଶୁଝିବା ନାଁରେ ଲୁଟିନିଅନ୍ତି ନିଜ ଜନ୍ମକଲା ପୁଅର ସବୁ କିଛି, ଆଉ ବାହା କରାଇ ଦେଇ ସ୍ତ୍ରୀଠୁ ପୁଅକୁ ଦୂରେଇ ରଖନ୍ତି। ସିପ୍ ପାଇଲଟ୍ ଅନିମେଷ ଜୀବନ! ରୋଜଗାର କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇବାରେ ଲାଗିଲା। ସେ ଏବେ ବୁଢ଼ା ହେଇ ଚଷମା ପିନ୍ଧିଲାଣି। ସ୍ତ୍ରୀ ସରିତାର କେଶ ସବୁ ପାଚି ଖୋଟ। ଆଖିରେ ମୋଟା ଚଷମା। ଅତୀତ କିନ୍ତୁ ଏବେ ବି ଅପାସୋରା। ଜୀବନର ଭାଗ ମାପ ସତରେ କ'ଣ ତା' ଇଞ୍ଜିନିୟର ବାପା ଜାଣି ନ ଥିଲେ ନା ନିଜ ରୋଜଗାରକୁ ଜାକି ଧରି ନିଜ ପୁଅକୁ ଜିଇଁ ଥାଉ ଥାଉ ଶହୀଦ କରିଦେଲେ। ଜହ୍ଲାଦ ଭଳି କାମ କଲେ ଯେ!

ଆଉ ବୋଉ! ଯଦି କହିଥାନ୍ତା, ତେବେ ଛାତି ଚିରି ଦେଖାଇ ଦେଇଥାନ୍ତା ଅନିମେଶ ବୋଉକୁ, ସେ ତାକୁ ତା' ଛାତି ଭିତରେ କୋଉଠି ରଖିଛି। ହେଲେ ସେମାନେ ତାକୁ କାହିଁକି ଛାଡ଼ିଦେଲେ ମାତ୍ର ଅଠର ବର୍ଷ ବୟସରେ ଘରୁ? ଓଠ ଥରୁଥିଲା ତା'ର, ଲୁହ ଜକେଇ ଆସୁଥିଲା ଆଖିରେ, ଜାହାଜରେ କାମ କରିବାର ଅଦମ୍ୟ ଲିପ୍ସାକୁ ମନରେ ଚାପି ରଖି ଯେତେବେଳେ ପାଠ ପଢ଼ିବାକୁ ଚାହିଁଲା, ସେତେବେଳେ ରୋକ୍‌ଠୋକ୍ ବାପା କହିଦେଲେ, ମୁଁ ଆଉ ପଢ଼େଇ ପାରିବିନି। ଏଥର ନିଜେ କଷ୍ଟ କରି ପଢ଼, ମୁଁ ବି ଘରୁ ଗୋଡ଼ କାଢ଼ିଥିଲି ତୋରି ବୟସରେ। ଅୟସ କରିବା ପାଇଁ ନୁହେଁ, ଚାଷୀ ପରିବାରରେ ଧନ ନ ଥିଲା ବୋଲି। ତେଣୁ ଏବେ ମନେକର ତୋ' ବାପାର ଟଙ୍କା ନାହିଁ, ତୁ କେମିତି ପଢ଼ିବୁ ଭାବେ। ଇଞ୍ଜିନିୟର ପୁଣି ନୌ ବିଭାଗରେ। ତୋ'ର ଯଦି ଏତେ ମନ ନିଜ ଯୋଗ୍ୟତା ପରୀକ୍ଷା ଦେଇ ପ୍ରମାଣ ଦେବ। ତା'ପରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୁଁ ଚିନ୍ତା କରିବି। ତତେ ପଢ଼ାଇବି କି ନାହିଁ। ଅନିମେଶର ଆତ୍ମସମ୍ମାନ ସେଇ ମୁହୂର୍ତ୍ତରେ ଭାଙ୍ଗି ଯେମିତି ଟୁକୁରା ଟୁକୁରା ହେଇଯାଇଥିଲା। ଆଖି ଲୁହରେ ସବୁ ଝାପ୍ସା ଦିଶୁଥିଲା। ଗୋଟେ ଅପରିପକ୍ୱ ପ୍ରତିଜ୍ଞାକୁ ନେଇ ସେ ସେଦିନ ଜିଦ୍‌ରେ ରାତିରେ ଘର ଛାଡ଼ିଲା ଯେ ଛାଡ଼ିଲା। କେହି କିଛି ପଚାରିଲେ ନାହିଁ କି ତା' ପାଇଁ ମନ୍ଦିରରେ ଦୀପଟିଏ ଜାଳି ଶୁଭ ମନାସିଲେ ନାହିଁ। କେହି ତା' ବାଟ ଚାହିଁ ବସିଲେନି। ତଥାପି ସେଇ ଭାବନା କଲା ତାକୁ ଭିନ୍ନମୁଖୀ।

ଷ୍ଟେଶନରେ ରାତି ରାତି ବିତାଇ, ଶୁଖିଲା ପାଉଁରୁଟି ଚୋବାଇ ଚୋବାଇ ପ୍ଲାଟଫର୍ମରେ ଶୋଇ ଶୋଇ ଦିନରେ କୁଲିକାମ କରି ସେ ପାଠ ପଢ଼ି ପାଶ୍ କରି ଅଠର ବର୍ଷ ବୟସରୁ ଚାକିରି ଆରମ୍ଭ କଲା ଜାହାଜରେ ଯେ କଲା। ତା' ସମଗ୍ର ଚେତନାକୁ ଆବୋରି ନେଲା ସେଇ ଜାହାଜ ଆଉ ନୀଳ ସମୁଦ୍ର। ସେଇଟା ହିଁ ଦିନେ ତା'ର ଏକମାତ୍ର ପରିଚୟ ହେଇଯିବ ସେ କଥା ସେ ବିଶ୍ୱାସ କରିପାରୁ ନ ଥିଲା। ଯେଉଁଦିନ ଚାକିରିର ପ୍ରଥମ ଦରମା ସେ ଘରକୁ ଆସି ବାପାଙ୍କ ହାତକୁ ବଢ଼ାଇ ଦେଇ କହିଲା– ବାପା, ତମର ଦୁର୍ଲଭ ସ୍ନେହ ଟିକକ ମୋର ଏକାନ୍ତ କାମ୍ୟ। ଥରେ ମାତ୍ର ବୋଉର ସେଇ ଗେହ୍ଲା ଡାକ ଅନି ମୁଁ ଶୁଣିବାକୁ ଚାହେଁ। ବାଷ୍ପରୁଦ୍ଧ ହେଇଗଲା ଅନିମେଶ। ବାପା କୁଣ୍ଢାଇ ପକାଇଲେ ତାକୁ। ସାନ ଭାଇ, ଭଉଣୀ ଆବୋରି ପକାଇଲେ। ବୋଉ ବାଢ଼ିଦେଲା ଦହିପଖାଳ ସାଙ୍ଗକୁ ଆମ୍ବ ଚଟଣି, ମାଛଭଜା। ପୁଣି ଗୋଟେ ସଂଯୋଗ। ନିରୋଳା ଭଲ ପାଇବାର ଛାତି ସବୁ ଯୋଡ଼ି ହେଇଗଲା ଚାହୁଁଚାହୁଁ ଘଡ଼ିକ ଭିତରେ। ସବୁ ଲାଗିଲା ନିଜର ନିଜର।

ଅନିମେଷ ମନେକଲା ଏଇ ଘର ହିଁ ତା' ଜୀବନର ଏକମାତ୍ର ସୁରକ୍ଷିତ ଦୁର୍ଗ, ଯେଉଁଠାରେ ସେ ନିର୍ଭୟରେ ଆଶ୍ରୟ ନେଇପାରେ। ସେଇଦିନଠୁ ମୁଠାମୁଠା ଟଙ୍କା ପଠାଇଛି। ବାପା, ମାଆ, ସାନଭଉଣୀ, ଭାଇ ସମସ୍ତଙ୍କ ନାଆଁରେ ଆକାଉଣ୍ଟ ଖୋଲି ମୋଟା ଟଙ୍କା ଡିପୋଜିଟ୍ କରିଛି। ରାଜଧାନୀର ଛାତି ଉପରେ ଉଆସ ତୋଳିଛି। ଗୋଟିଏ ଥର ଶିପିଂରେ ଗଲେ ଛ'ମାସରେ ପଚାଶ ଲକ୍ଷ ହାତକୁ ଆସେ। ଟଙ୍କାଟେ ବି ପାଖରେ ରଖେନି। ସବୁ ବଢ଼ାଇ ଦିଏ ବାପାଙ୍କ ହାତକୁ ନିର୍ଦ୍ୱନ୍ଦ୍ୱରେ। ଏମିତି କାମ କରୁକରୁ ନିଜ ଭିତରେ ହଜିଗଲା ତା'ର ଅପାସୋରା ଶୈଶବର ମୋହ ଆଉ କୈଶୋର। ସେ ଯେମିତି ଏକାଙ୍ଗ ହୋଇଯାଇଥିଲା ନୀଳ ଦରିଆର ଉତ୍ତୁଙ୍ଗ ଢେଉ ସହିତ। ଆଉ ଯୁବକ ବେଳକୁ ବିପୁଳ ଅର୍ଥ କମେଇଲା ଅନିମେଷ। ଭାବି ବସିଲେ ନିଜକୁ ବୁଝାଇପାରେନି ସେ। କେତେ ନିଃସଙ୍ଗ ଏ ଜୀବନ! ସାନଭାଇ ବାହା ହେଇ ବିବାହ ବିଚ୍ଛେଦ ହେଇଗଲା ପରେ ବି ତା' ବାହାଘର କଥା ଘରେ ଉଠୁନି। ଅଥଚ ଶିପ୍ ପାଇରେସିରେ ନିଖୋଜ ଅନିମେଶ ଭାରତ ମାଟି ଛୁଇଁବାକୁ କି କଷ୍ଟ କରିଛି, କାଇଁ କେହିତ ଖୋଜିଲେନି ଘରେ, ସେଦିନ ରାତିରେ ମହାସାଗର ବକ୍ଷରେ ଜାହାଜ ଆଗେଇ ଚାଲୁଥିଲା ବେଳେ ଆଫ୍ରିକା ମହାଦେଶର ଜଳଦସ୍ୟୁମାନେ ଘେନିଗଲେ ତାଙ୍କ ଜାହାଜକୁ।

ପ୍ରାୟ ବାଇଶ ଦିନ କାଳ ଜାହାଜର ସମସ୍ତ କର୍ମଚାରୀଙ୍କ ସହ ଅନିମେଶ ବନ୍ଧା ପଡ଼ିଥିଲା ସେହି ଜଳଦସ୍ୟୁମାନଙ୍କ କାଳ କୋଠରୀରେ। କି ଅକଥନୀୟ ଅତ୍ୟାଚାର, ଚାବୁକ ମାଡ଼ ସାଙ୍ଗକୁ ଦିନକୁ ଥରେ ମାତ୍ର ଶୁଖିଲା ପାଉଁରୁଟି ସାଙ୍ଗକୁ ଶିଖା ମାଛ ଆଉ ବୋତଲେ ପାଣି। ବହୁ କଷ୍ଟରେ ଭାରତ ସରକାର ସେମାନଙ୍କ ଚୁକ୍ତିକୁ ମାନିବା ପରେ ସେମାନେ ଆଉ ଏକ ଜାହାଜକୁ ସ୍ଥାନାନ୍ତରିତ ହୋଇ ଦେଶକୁ ଫେରିଲେ। କାଇଁ ବାପା ଏସବୁ ଶୁଣି ବେଶିକିଛି ପ୍ରତିକ୍ରିୟା ତ ପ୍ରକାଶ କଲେନି କି କିଛି ବି କହିଲେନି। ବଡ଼ ବିଚିତ୍ର ଏ ଜୀବନ। ଏଇନେ ନିଜ ପିଲାକୁ ଦେଖିବାକୁ ଅଧୀର ହେଉଥିବା ବାପାଟି ସନ୍ତାନକୁ ଲୋଡ଼ିବାପଣଟି ହଜେଇ ଦିଏ ହଠାତ୍ ସ୍ୱଚ୍ଛନ୍ଦରେ କେମିତି କେଜାଣି? କେବଳ ଅର୍ଥ ସହିତ କ'ଣ ଜୀବନର ସୁଖ ଜଡ଼ିତ! ସେ କ'ଣ ବାପାଙ୍କୁ ରଙ୍ଗ ବଦଳିଲା ପରି ବଦଳି ଯିବାର ଦେଖୁନି! ଆଉ ବୋଉ କେବଳ ସୁଁ ସୁଁ ହେଲା, ଭଉଣୀ ମୁହଁରେ ସମବେଦନାର କୃତ୍ରିମ ଛିଟା ଖେଳାଇ କହିଲା, ବୁଝିଲୁ ଭାଇ, ବାପା ତୁ ନିଖୋଜ ହେବାପରେ କମ ଜ୍ୟୋତିଷକୁ ତୋ' କୋଷ୍ଠି ଦେଖାଇଛନ୍ତି। ସମସ୍ତେ ସେଇ ପୁରୁଣା କଥା କହିଲେ। କହିଲେ, ଏ ପିଲା ଘରକୁ ଫେରିଆସିବ, ଏବେ ଜାହାଜରେ ନିଖୋଜ ଅଛି। ହେଲେ ଘନଶ୍ୟାମ ବାବୁ ଯା କପାଳରେ ବାପାମାଆ ସ୍ନେହ ଲେଖା ନାହିଁ। ଯେଉଁଦିନ



**ବାଷ୍ପରୁଦ୍ଧ ହେଇଗଲା ଅନିମେଶ। ବାପା କୁଣ୍ଢାଇ ପକାଇଲେ ତାକୁ। ସାନ ଭାଇ, ଭଉଣୀ ଆବୋରି ପକାଇଲେ। ବୋଉ ବାଢ଼ିଦେଲା ଦହିପଖାଳ ସାଙ୍ଗକୁ ଆମ୍ବ ଚଟଣି, ମାଛଭଜା। ପୁଣି ଗୋଟେ ସଂଯୋଗ।**

ପର୍ଯ୍ୟନ୍ତ ଆପଣମାନେ ତାକୁ ଦୂର୍‌ଦୂର୍ ମାର୍‌ମାର୍ କରୁଥିବେ ସେତେଦିନ ପର୍ଯ୍ୟନ୍ତ ଆପଣଙ୍କ ଜୀବନ ଭଲରେ କଟିବ। ଆପଣ ସ୍ନେହ କରିବା ମାତ୍ରେ ରାହୁ ଗୋଡ଼ାଇବ ପରିବାରକୁ। ଆଉ ମନେରଖନ୍ତୁ ଘନଶ୍ୟାମବାବୁ ତାକୁ ବାହା ଦେବେନି। ବାହା ଦେଲେ କଥା ସଇଲା, ଆପଣଙ୍କ ଘର ଭାଙ୍ଗିଯିବ। ସେ ଆଉ ଆପଣଙ୍କ ହାତରେ ରହିବନି। ବୋହୂ ଷୋଳଣା ରାଜୁତି କରିବ ଏ ଘରେ। ବୁଝିଲୁ ଭାଇ ତୁ ତୋ' ବାହାଘର କଥା କେବେ ବି ଭାବିବୁ ନାହିଁ। ରାହୁ ବଇଛି ତୋ' କପାଳରେ ଚାରିକାତ ମେଲି। ସେଇଥିପାଇଁ ସାନଭାଇ ବାହା ହେଲା। ହେଲେ କି ସୁଖ ପାଇଲା କହ। ଜୀବନ କାହାଣୀର ଖିଅ ଜଟିଳ ଭାବରେ ଛନ୍ଦି ହେଇଗଲା ଆପଣାଛାଏଁ।

ବାପା ତମେ କ'ଣ ତମ ପୁଅଠାରୁ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା କିଛି ଚାହୁଁ ନ ଥିଲ, କ'ଣ ନେଇପାରିଲ! କିନ୍ତୁ କାହିଁକି ବାପା! ମାଗିଥିଲି ସୁଖ! ଦୁନିଆଠୁ, ସେତକ ତମେ କି ବୋଉ ଦେଲ ନାହିଁ। ଏ ଦୁନିଆର ତମେ ଜଣେ ନିଷ୍ଠୁର ବାପା, ଯିଏକି ନିଜର ପୁଅର ଅସ୍ତିତ୍ୱକୁ ସନ୍ଦେହ କରୁଥିଲ। ମୋ' ଭଲ ପାଇବା, ମୋ' ପୁଣ୍ୟ, ମୋ' ପାପରୁ ବୋଉ ତୁ ତ କିଛି ନେଲୁନାହିଁ। ତେବେ ତମମାନଙ୍କର ଅନିଚ୍ଛାସତ୍ତ୍ୱେ ଚାଳିଶ ବର୍ଷ ବୟସରେ ବିବାହ କଲି ବୋଲି ମୁଁ କ'ଣ ପାପ କରିଦେଲି ଯେ ତୁମେ ସବୁ ମୋ' ସ୍ତ୍ରୀକୁ ନିଜର କରିପାରିଲନି। ବିଶ୍ୱାସରେ ଘର ତିଆରି ହୁଏ ବାପା। କିଏ ବୁଝିପାରିଲନି ନୀଡ଼ ଛାଡ଼ି ଆସିଥିବା ପକ୍ଷୀର କଥା। ସରିତା କ'ଣ ତମର ସେବା କରୁ ନ ଥିଲା ନା ବୋଉର ବୋଲକରା ବୋହୂ ନ ଥିଲା। ମୁଁ ଶିପିଂରେ ଗଲାବେଳେ ବିଚାରି ଏକାକୀ ଖଟ ଉପରେ ମୁହଁମାଡ଼ି ଶୋଇ କାନ୍ଦୁଥିଲା ତମମାନଙ୍କର ରୁକ୍ଷ ବ୍ୟବହାରରେ ସିନା, କେବେ ମୁହଁ ଖୋଲି ମତେ କହି ନାହିଁ। ବୋଧହୁଏ ସେ ଜାଣିସାରିଥିଲା, ଯେଉଁ ଘରେ ସେ ପାଦ ରଖିଛି ତାହା ଏକ ଧୂଧୂ ମରୁଭୂମି। ଆଚ୍ଛା କହିଲ ବାପା ତମେ ସିନା ସରିତା ଉପରେ ସବୁ ଦୋଷ ଲଦିଦେଇ ତା' ହାତ ଧରି ଟାଣି ବାହାର କରିଦେଇ କହିଲ, ତୁ ମୋ' ପୁଅକୁ କିମିଆ କରିଛୁ ଜଲଦି ଏ ଘରୁ ବାହାରିଯା।

କହିଲ, ମୋ' ସ୍ତ୍ରୀର କ'ଣ କିଛି ଅଧିକାର ନାହିଁ ମୋ' ଉପରେ। ହେଲେ ସାନବୋହୂ କ'ଣ କରିଥିଲା ବାପା! ତମ ଫମ୍ପା ଆଧିପତ୍ୟ ତମକୁ ଆଉ ଶିଖେଇ ପିଲାଥିଲା ମାଆଟିକୁ ସ୍ୱାମୀଠୁ ଅଲଗା କରେଇ ଦେଇ କି ସୁଖ ପାଇଲ କହିଲ ବୋଉକୁ ଖାଇଲା ବାପା। ତା' ସାଙ୍ଗରେ ମଉନମୁହିଁ ସାନଭଉଣୀ ସୁନନ୍ଦା ମିଶିଗଲା। ମୁଁ ଯେତେବେଳେ ସରିତାର ଭଙ୍ଗା ସ୍ୱାସ୍ଥ୍ୟ, ତା' ପ୍ରତି ତୁମେ ସମସ୍ତେ କରୁଥିବା ଅବିଚାରକୁ ନିଜ ଆଖିରେ ଦେଖିଲି, ବିଚରା ସକାଳ ଛଅଟାରୁ ତିନିମହଲା ଘର ଲିପାପୋଛା, ବାସନମଜା, ରନ୍ଧାବଢ଼ା ଇତ୍ୟାଦି କରି ରାତି ବାରଟା ପର୍ଯ୍ୟନ୍ତ କାମ କରି ତମ ଦି'ଜଣଙ୍କ ଗୋଡ଼ ଚିପି ମୋ' ରୁମ୍‌କୁ ଆସେ, ସେତେବେଳେ ତା' ଅବସ୍ଥା ଦେଖି ମୋତେ ଦୟା ଲାଗେ। ତା' ସଂଶୟ, ଡର, ତା' ଦ୍ୱିଧାରୁ ସେ ମୁକୁଳି ପାରୁ ନ ଥିଲା କି ସେ ମୋତେ କିଛି କହିପାରୁ ନ ଥିଲା। ସେ କ'ଣ ତା' ଭଲପାଇବା, ତା' ଆତ୍ମୀୟତାପଣରେ ତମକୁ ବୋଉକୁ ଆଉ ସକଳ ପରିବାରକୁ ବାନ୍ଧି ରଖିବାକୁ ଚାହିଁ ନ ଥିଲା। ମୁଁ ଥିଲାବେଳେ ତାକୁ ବୋଉ ଭଲପାଇବାର ଛଳନା କରୁଥିଲା। ମୁଁ ଚାକିରିକୁ ଫେରିଯିବାକୁ ଚାହିଁଲେ ସେ ମୋତେ ଭିଡ଼ି ଧରି ଝରଝର ହେଇ କାନ୍ଦିପକାଉଥିଲା। କିନ୍ତୁ କେବେ ବି କିଛି କହୁ ନ ଥିଲା।

ଯା ଭିତରେ ସରିତା ଗର୍ଭଧାରଣ କରି ତା'ର ଯେ ପ୍ରଥମ ଗର୍ଭ ନଷ୍ଟ ହେଇଗଲା ଏକଥା ମୁଁ ବହୁ ପରେ ମୋ' ସାଙ୍ଗ ଲେଡି ଡାକ୍ତର ନୀତାଠୁ ଜାଣିଲି। ତା'ପରେ ମୁଁ ତାକୁ ସମସ୍ତ ବାଧାସତ୍ତ୍ୱେ ମୋ' ନିକଟକୁ ନେଇଯିବାକୁ ଠିକ୍ କଲି। ସେତେବେଳକୁ ମୁଁ ତିନିତିନି ଥର ପାଇଲଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁନି। ବାପା ତମେ ମୋତେ ଟଙ୍କାଟେ ବି ଦେଲନାହିଁ ଘର ଛାଡ଼ି ଆସିଲାବେଳକୁ। କେତେକେତେ ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ତମ ହାତକୁ ମୁଁ ନିର୍ଦ୍ୱନ୍ଦ୍ୱରେ ବଢ଼ାଇଦେଲାବେଳେ ଏକଥା ତ ମୁଁ ଭାବି ନ ଥିଲି ମୋ' ରୋଜଗାର ଟଙ୍କା ମୋର ନୁହେଁ ବୋଲି। ମୋର ଦେହ, ମୋର ସର୍ବସ୍ୱ, ମୋ ଲୁହ, ଦୁଃଖ, ସୁଖ, ବିଶ୍ୱାସ ତ ତମେ ଥିଲ ବାପା, କିଛି ମୁହଁ ଫିଟାଇ ଦିନେ ବି ତମ ଅନ୍ୟାୟର ପ୍ରତିବାଦ କରିନି। ମୋ' ପାଇଁ ଅଦେୟ କିଛି ନ ଥିଲା ତମ ପାଖରେ। ଘରୁ ବାହାରିଆସିଲା ବେଳେ କେବଳ ସରିତା କହିଥିଲା ତମେ ମୋର ଅଛ, ଆମର ଆଉ କିଛି ଦରକାର ନାହିଁ ଅନିମେଶ, ସେମାନେ ଭଲରେ ରହନ୍ତୁ। ମୁଁ ଶବ୍ଦ ଖୋଜି ପାଉ ନ ଥିଲି ବୋଉ କି ତମକୁ କିଛି କହିବି ବୋଲି। ଆଖିପତା, ହୃଦୟ ମୋର ହାହାକାର କଲା। ମୁଁ ରାତି ଗାଡ଼ି ଧରି କଲିକତା ପଳାଇଆସିଲି। ଓଃ କି ଦୁର୍ବିଷହ ସେ ସମୟଗୁଡ଼ାକ। ପାଇଲଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ବିନା ଦରମାର ଛୁଟି ନେବା, ସାଙ୍ଗମାନଙ୍କ ସହାୟତାରେ ଘରଭଡ଼ା ନେବା, ମାଣ୍ଡିଆଯାଉ ଓଳିଏ ଖାଇ ପାଠ ପଢ଼ିବା, ସବୁ ଏବେ ବି ଜୀବନ ପୃଷ୍ଠାରେ ସଜଳ ଛବି ହେଇ ମୋ' ଆଖିରେ ନାଚିଯାଉଛି। ସବୁଠାରୁ ବଡ଼ ଦୁଃଖ ହେଲା ଆମେ ଘରୁ ବିଦାୟ ନେଇ ଆସିବା ବେଳେ ତମେ ସରିତାକୁ ବିବାହବେଳେ ଦେଇଥିବା ମଙ୍ଗଳସୂତ୍ର ଆଉ ୪ପଟ ସୁନାଚୁଡ଼ିକୁ ବୋଉ ଉତାରି ଥୋଇଦେଇ ଯା ବୋଲି କହିବା। ତମ ଅବଜ୍ଞାରେ ଶୁଖିଗଲା ସରିତାର ଅନ୍ତରରେ ପ୍ରବାହିତ ହେଉଥିବା ସ୍ରୋତସ୍ୱିନୀଟି। ବାପା ତା' ଉଦାରପଣରେ ତମେ ଜୁଆ ଖେଳିଲ। ତମକୁ ତ ସେ ଦିନେ ଜୀବନର ରକ୍ତ ନଦୀରେ ସନ୍ତରଣ କରିବାରୁ! ହେଲେ ସରିତା! ନାଟକର ଏକ ଅସଫଳ ଚରିତ୍ର ହୋଇପାରେ ତମମାନଙ୍କ ପାଇଁ ବାପା ବଞ୍ଚାଇ ଲୁଚାଇ ରଖିଥିଲା ପୋଲିସ ହାବୁଡ଼ରୁ। ତମ ଦି'ଜଣଙ୍କ ନାଁରେ ଯେତେବେଳେ ନନ୍‌ବେଲ୍ ୱାରେଣ୍ଟ ଘୂରି ବୁଲିଲା, ସାନବୋହୂକୁ ଶାରୀରିକ ଓ ମାନସିକ ନିର୍ଯାତନ ଦେଉଛ ବୋଲି, ସେତେବେଳେ ସରିତା ହିଁ ଆଗେଇ ଆସି ନିର୍ଭୟରେ ସତ୍ୟପାଠ କରିଥିଲା ପୋଲିସ ଆଗରେ ବଡ଼ବୋହୂ ଭାବରେ ଯେ, ତମେ ଦୁଇଜଣ ଭଲ ପାଇବାର ସାଗର ବୋଲି। କେବଳ ସାନବୋହୂ ନାଁରେ ମିଛ ସତ କହି ତୁମକୁ ଉଦ୍ଧାର କରିଥିଲା। ନ ହେଲେ ତମ ଅବସ୍ଥା କ'ଣ ହୋଇଥାନ୍ତା ବାପା ଆଜି ମୁଁ ବୁଝୁଛି। ପ୍ରେମ, ଭଲ ପାଇବା, ପ୍ରତିଶ୍ରୁତି, ପାପ, ପୁଣ୍ୟ ଏସବୁ କିଛି ନୁହେଁ ବାପା, କାହାର ଅଦେଖା ଭାଗ୍ୟଲିପି କେହି ପଢ଼ିପାରେନା।

ତମେ ସଂସାର କଲ, ପୁଅଝିଅ ଜନ୍ମ କଲ ହେଲେ ସଂସାର ଛନ୍ଦରେ ଛନ୍ଦିହୋଇ ପାରିଲନି। ସନ୍ତାନ ଥାଇ ସନ୍ତାନ ସୁଖ ପାଇଲ ନାହିଁ। ସୁନନ୍ଦା ଚିରକାଳ ବନ୍ଧାହେଲା ତୁମ ବେକରେ। ସାନପୁଅ ତା' ସଂସାର ହରାଇ ଛାଡ଼ିପଳାଇଲା ଯେ ଆଉ ଘରକୁ ବାହୁଡ଼ିଲାନି। ମୁଁ ତମର ଯୋଗ୍ୟ ହେଲିନି। ଘରୁ ଗୋଡ଼ କାଢ଼ି ୧୮ ବର୍ଷରୁ ଆସିଲି ଯେ ଆଉ ମୁଁ କି ସରିତା ଫେରିଲୁନି ଘରକୁ। ଭାବିପାରୁଛ, ଏକୁଟିଆ ଅଭିଆଡ଼ି ବୟସ୍କ ସୁନନ୍ଦା ତମେ ଦୁଇଜଣ ଆକାଶରେ ତାରା ହେଲା ପରେ ସେ ଘରେ କ'ଣ କରୁଥିବ। ଆମ ସମସ୍ତଙ୍କର ଜୀବନ ନକ୍ସା ଜଣେ ଇଞ୍ଜିନିୟର ହୋଇ ତମେ ଆଙ୍କିପାରିଲନି ବାପା।

☞ ପୃଷ୍ଠା–୫

**ବିଶେଷ ଗପ**

# ବିଶ୍ୱଦେଖ ମଧୁମୟ !



ଡ. ମଣୀନ୍ଦ୍ର କୁମାର ମେହେର

ବରପାଲିରେ ପାଦ ଦେବା ମାତ୍ରେ ଇନ୍ଦିରାଙ୍କ ଦୁଇ ଆଖିରୁ ଆପେଆପେ ଝରିପଡ଼େ ଧାରଧାର ଲୁହ। ବସ୍‌ରୁ ଓହ୍ଲାଇ ତାଙ୍କ ପିତୃଗୃହ କବି ପରିବାରଙ୍କ ନୂତନ ବାସଭବନ 'ଗଙ୍ଗାଧର ସ୍ମୃତି ସଦନ'ରେ ଯେତେବେଳେ ସେ ପହଞ୍ଚି ଯାଆନ୍ତି, ଆଉ ତାଙ୍କର ପାଦ ଆଗକୁ ବଢ଼ିପାରେ ନାହିଁ। ଘର ବାହାରେ ସେ ଅଟକି ଯାଆନ୍ତି। ହୃଦୟ ଭିତରୁ ଉଠି ଆସୁଥିବା କୋହକୁ ଆଦୌ ନିୟନ୍ତ୍ରଣରେ ରଖିପାରନ୍ତି ନାହିଁ। ବୈଠକ ଘରର କାନ୍ଥରେ ମୁଣ୍ଡ ଥାପି ଦେଇ ସାତବର୍ଷର ଶିଶୁଟିଏ ପରି ସେ କାନ୍ଦି ଉଠନ୍ତି ଭୋ'ଭୋ' କରି। ଇନ୍ଦିରା ସବୁବେଳେ ଏଇଭଳି ଆବେଗ ପ୍ରବଣ। ତାଙ୍କ ଶାଶୁଘରକୁ ମଧ ଯେତେବେଳେ ବାପା, କାକା କି ଭାଇମାନେ ଯାଆନ୍ତି, ସେତେବେଳେ ବି ନ କାନ୍ଦି ସେ ରହିପାରନ୍ତି ନାହିଁ। ତାଙ୍କର ପ୍ରପିତାମହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କଠାରୁ ତାଙ୍କର ସବା ସାନଭାଇ ମଣୀନ୍ଦ୍ର ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରତି ତାଙ୍କ ଆତ୍ମାର ଆକର୍ଷଣ ଏଇଭଳି ତାଙ୍କୁ ଅଶ୍ରୁ ଜର୍ଜରିତ କରେ ସବୁବେଳେ। ଆଜି ଯେତେବେଳେ ସେ ପିତୃଗୃହରେ ପାଦ ଥାପିଲେ, ତାଙ୍କ ଛାତି ଭିତରର ସବୁ କୋହ ଓ ଲୁହ ଶ୍ରାବଣର ବାରିଧାରା ପରି ବହିଗଲା ଅବିରତ। ଯେଉଁମାନଙ୍କୁ ଦେଖିବା ମାତ୍ରେ ସେ କାନ୍ଦି ପକାଉଥିଲେ, ସେମାନଙ୍କ ମଧ୍ୟରୁ ନିଜ ବାପା ମା'ଙ୍କୁ ଆଉ ସଶରୀରେ ଦେଖି ନ ପାରିବାର କଷ୍ଟ ତାଙ୍କୁ ଆହୁରି ଶୋକାଚ୍ଛନ୍ନ କରିପକାଉଥିଲା।


କେମିତି ଯିବେ ସେ ଘର ଭିତରକୁ! ଯେଉଁ ପ୍ରକୋଷ୍ଠରେ ତାଙ୍କ ବାପା ମାଆ ରହୁଥିଲେ, ସେଇ ପ୍ରକୋଷ୍ଠ ଏବେ ଶୂନ୍ୟତାର ହାହାକାରରେ ଆଚ୍ଛନ୍ନ ହୋଇଯାଇଥିବ। ବାପା ଓ ମାଆଙ୍କ ବ୍ୟବହୃତ ଜିନିଷ ସବୁ ଝୁରି ହେଉଥିବେ ସେଇ ସ୍ପର୍ଶକୁ, ଯେଉଁ ସ୍ପର୍ଶରେ ସେମାନେ ବର୍ଷବର୍ଷ ବ୍ୟାପୀ ଆହ୍ଲାଦିତ ହୋଇ ରହିଥିଲେ। ବାପା ତାଙ୍କର ପୂର୍ଣ୍ଣଚନ୍ଦ୍ର। ସେ ସ୍ୱଭାବ କବିଙ୍କ ବଡ଼ ନାତି। ଇନ୍ଦିରା ତାଙ୍କର ସାନ ଝିଅ। ମୁକ୍ତା ବଡ଼। ଇନ୍ଦିରା ଛୋଟ ଦିନରୁ ନିଜ ବାପାଙ୍କ କଣ୍ଠସ୍ୱରରେ ଦେଖିପାରୁଥିଲେ ଗଙ୍ଗାଧରଙ୍କୁ। କବି ତାଙ୍କ ପିତାଙ୍କୁ କେତେ ଗଭୀର ଭାବରେ ଭଲ ପାଉଥିଲେ, ତାହା ସେ ଅନୁଭବ କରିଛନ୍ତି ନିବିଡ଼ ଭାବେ। ମାଆ ତାଙ୍କର ହାରା। ସେ ବି ଆଜି ପରଲୋକରେ। ବାପା ମାଆ ଅସୁସ୍ଥ ଥିବାବେଳେ ଯେତେବେଳେ ବି ଖବର ପଠାଇଛନ୍ତି ତାଙ୍କ ପାଖକୁ, ସେତେବେଳେ ସାମାନ୍ୟ କାଳ ବିଳମ୍ବ ନ କରି ସେ ପହଞ୍ଚିଛନ୍ତି ତାଙ୍କ ପାଖରେ। ଅଧିକ ଦିନ ବାପା ମାଆଙ୍କ ପାଖରେ ରହିପାରନ୍ତି ନାହିଁ ସେ। କିନ୍ତୁ ବାପା ଓ ମାଆ ତାଙ୍କୁ ଦେଖିଲେ ଯେଉଁ ସାନ୍ତ୍ୱନା ଲାଭ କରନ୍ତି, ସେତିକି ହିଁ ଆଉ କିଛିଦିନ ବଞ୍ଚିରହିବା ପାଇଁ ସେମାନଙ୍କୁ ଦିଏ ଶକ୍ତି ଆଉ ପ୍ରେରଣା। ଆଜି ଉଭୟେ ନାହାନ୍ତି। ସେ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରି କିପରି ଦେଖିବେ ଶୂନ୍ୟ କୋଠରିକୁ? ଏକଥା ଭାବିବା ମାତ୍ରେ ଆହୁରି ଲୁହ, ଆହୁରି କୋହଭରା କ୍ରନ୍ଦନ ଛାତି ଭିତରୁ ବାହାରି ଆସି ସତେକି ହୃଦୟକୁ ବିଦୀର୍ଣ୍ଣ କରିଦେଉଥିଲା।

କେତେବେଳ ପର୍ଯ୍ୟନ୍ତ କାନ୍ଥରେ ମୁଣ୍ଡ ଥାପି ଏହିପରି ସେ କାନ୍ଦିଥା'ନ୍ତେ କେଜାଣି! ତାଙ୍କର ସାନ କାକୀ ପ୍ରେମଶୀଳା ଆଉ ତାଙ୍କ ପୁଅ ସାନ ଭାଇ ମଣୀନ୍ଦ୍ର ତାଙ୍କ କାନ୍ଦ ଶୁଣି ଧାଇଁ ଆସିଲେ ପାଖକୁ। ସାନ କାକୀ ଆଶ୍ୱାସନା ଦେବା ପାଇଁ କେତେ ପ୍ରକାରେ ବୁଝାଇଲେ ଇନ୍ଦିରାଙ୍କୁ। କହିଲେ, ଇନ୍ଦିରା ତୁମର ବାପା ମାଆ ଆଉ ମିଳିବେ ନାହିଁ ଏକଥା ସତ, କିନ୍ତୁ ଏବେ ଆମେ ହିଁ ତୁମର ମାଆ ବାପା। ତୁମେ ଆଗରୁ ଯେଉଁପରି ଅଧିକାର ସାବ୍ୟସ୍ତ କରି ଏ ଘରକୁ ଆସୁଥିଲ, ସେହିପରି ଏବେ ବି ଆସିବ। ଏଇଟା ସବୁଦିନ ପାଇଁ ତୁମର ପିତୃ ଓ ମାତୃଗୃହ। ଆସ, ଭିତରକୁ ଆସ! ତୁମକୁ ଅନେକ ଦିନରୁ କାକା ଦେଖିନାହାନ୍ତି। ଦେଖିଲେ ସେ ଟିକିଏ ସାନ୍ତ୍ୱନା ପାଇବେ।

ସାନ କାକୀ ଆଉ ସାନ ଭାଇ ଦି' ଜଣ ତାଙ୍କୁ ଆଦରରେ ନେଇଗଲେ ଭିତରକୁ। ସାନ କାକା ମଧ୍ୟାହ୍ନଭୋଜନ ସାରି ବିଶ୍ରାମ କରୁଥିଲେ। ଜନ୍ମରୁ ଆରମ୍ଭ କରି ସେ ତାଙ୍କୁ ଝିଅ ଭଳି ଭଲ ପାଇ ଆସିଛନ୍ତି। ଆଜି ଇନ୍ଦିରାଙ୍କ ଆଖି ଲୁହ ଦେଖି ତାଙ୍କ ଆଖି ବି ଛଳଛଳ ହୋଇଗଲା। ତଥାପି ସ୍ଥିର ଚିତ୍ତ ଅଥଚ କମ୍ପିତ କଣ୍ଠରେ ସେ କହିଲେ, "ଇନ୍ଦିରା, ତୁ ତ ସବୁଦିନ ଆମର ଝିଅ। ଯେତେବେଳେ ଆସିଲେ ଏଇଠି ହିଁ ରହିବୁ। ଏଇଟା ତୋ' ଘର। ସାନ କାକା କିଶୋର ଚନ୍ଦ୍ରଙ୍କଠାରୁ ଏଇ ସ୍ନେହପୂର୍ଣ୍ଣ କଥା ଶୁଣି ଧୀରେଧୀରେ ପ୍ରକୃତିସ୍ଥ ହେଲେ ଇନ୍ଦିରା। ଆଉ ତା' ପରେ ଦୀର୍ଘ ସମୟ ବିତିଗଲା ବାପା ମାଆଙ୍କ ସ୍ମୃତିଚାରଣରେ। ଇନ୍ଦିରା ଜାଣନ୍ତି, ତାଙ୍କ ସାନ କାକୀ ପ୍ରେମଶୀଳା ଆଉ କାକା କିଶୋର ଉଭୟେ ମାଆ ବାପାଙ୍କର କେତେ ସେବା କରିଛନ୍ତି। ସମସ୍ତେ ଏକାଠି ବସିରହି ବହୁ ସମୟ ପର୍ଯ୍ୟନ୍ତ ଅତୀତ ଦିନର କଥାଗୁଡ଼ିକୁ ଗୋଟିଗୋଟି କରି ମନେ ପକାଇଲେ।

ମଣୀନ୍ଦ୍ର ଛୋଟ ବେଳରୁ ଜାଣେ ଯେ ଇନ୍ଦିରା ତା'ର ନାନୀ। ତା' ମାଆ ତାକୁ କହିଦେଇଛନ୍ତି ଯେଉଁ ବର୍ଷ ତୁ ଜନ୍ମ ହେଲୁ, ସେଇବର୍ଷଠୁଁ ତୋ' ନାନୀ ଇନ୍ଦିରା ଭାଇଜିଉଁତିଆ ଓଷା କରି ଆସୁଛନ୍ତି। ଇନ୍ଦିରା ବି ମଣୀନ୍ଦ୍ର ଉପରେ ଖୁବ୍ ଅଧିକାର ସାବ୍ୟସ୍ତ କରନ୍ତି। ଦୁର୍ଗାଷ୍ଟମୀ ପରଦିନ ସକାଳୁ ଆଉ କେଉଁ ନାନୀ ବା ଭଉଣୀ ତାକୁ ଦୂବ ଓ ଅରୁଆ ଚାଉଳରେ ବନ୍ଦନା କରିବା ପୂର୍ବରୁ ସେ ପ୍ରଥମେ ତାକୁ ଟାଣିନିଅନ୍ତି ନିଜ କୋଳକୁ। ଇନ୍ଦିରାଙ୍କ କଥା ପ୍ରେମଶୀଳା ଯେତେବେଳେ ବର୍ଣ୍ଣନା କରନ୍ତି, ସେତେବେଳେ ମଣୀନ୍ଦ୍ର ସେ ସବୁ କଥା ଶୁଣୁଥାଏ ଧ୍ୟାନରତ ଋଷି ପରି। ଇନ୍ଦିରା ନାନୀ- ଏତିକି ଉଚ୍ଚାରଣ କରିଦେବା ମାତ୍ରକେ ତା'ର ପ୍ରତିଟି ଲୋମକୂପରେ ସୃଷ୍ଟି ହୁଏ ଅଜସ୍ର ପୁଲକ। ମୁଣ୍ଡ ଉପରେ ବର୍ଷିଯାଏ ଅଜସ୍ର ଗଙ୍ଗଶିଉଳି। ଆଉ କର୍ଣ୍ଣ ଗହ୍ୱରରେ ବାଜି ଉଠେ ଇନ୍ଦିରାଙ୍କ ସ୍ନେହସିକ୍ତ କଣ୍ଠସ୍ୱର।

ଇନ୍ଦିରା ସ୍କୁଲ୍‌ରେ ପଢ଼ିବା ସମୟରୁ ସୁନ୍ଦର ଭାବେ ଗାଉଥିଲେ ଗୀତ। ଆଜି ବି ତାଙ୍କର ସେ ମଧୁର କଣ୍ଠ ଅତୁଟ ରହିଛି। ଇନ୍ଦିରାଙ୍କୁ ଆଜି ମଣୀନ୍ଦ୍ର ଦେଖିବା ମାତ୍ରକେ ତା'ର ମନେ ପଡ଼ିଯାଉଥିଲା ତପସ୍ୱିନୀ କାବ୍ୟର ଅନେକ ଭାବଗର୍ଭକ ପଦ। ଇନ୍ଦିରା କିପରି ଆବେଗମୟ କଣ୍ଠରେ ଗାନ କରୁଥିଲେ। ମଣୀନ୍ଦ୍ର ଅତ୍ୟନ୍ତ ଆଗ୍ରହ ସହକାରେ ନାନୀର ସେ କଣ୍ଠସ୍ୱରକୁ ରେକର୍ଡ କରି ରଖିଥିଲା, ଆଉ ମଝିରେ ମଝିରେ ତାକୁ ଶୁଣୁଥିଲା, ଆଉ ଘରର ଅନ୍ୟମାନଙ୍କୁ ଶୁଣାଉଥିଲା। ଇନ୍ଦିରା ଯେତେବେଳେ ଗାଇଉଠନ୍ତି "ବୋଇଲେ ସଖୀ, ସଖୀ ମୋ' ଦୁର୍ବିପାକ/ଘଟାଇଅଛି ଏକା ମୋ' ଦୁଃଖଯାକ; ମୋ' କର୍ମ ପାଇଁ ଦୋଷୀ ନୁହନ୍ତି ବିଧି, କାନ୍ତ ତ ସ୍ୱଭାବେ ମୁଁ କରୁଣା-ନିଧି-ଗୋ!" ସେତେବେଳେ ମଣୀନ୍ଦ୍ରର ଅନ୍ତରାତ୍ମା ଥରିଉଠେ ସୂକ୍ଷ୍ମ ଜଗତର ମହିମ୍ନ ସ୍ପର୍ଶରେ। ତାକୁ ଲାଗେ ସତେ କି ତପସ୍ୱିନୀ କାବ୍ୟର ସୀତାଙ୍କ ଆତ୍ମା ତା'ର ଇନ୍ଦିରା ନାନୀଙ୍କ ହୃଦୟରେ ପ୍ରବେଶ କରିଛି। ନ ହେଲେ ଏ କଣ୍ଠ ସ୍ୱରରେ ଏତେ କାରୁଣ୍ୟ କେବେହେଲେ ଫୁଟି ଉଠନ୍ତା ନାହିଁ। ଇନ୍ଦିରା ନାନୀଙ୍କୁ ଦେଖି ମଣୀନ୍ଦ୍ରର ସବୁ କଥା ସ୍ୱତଃ ମନେ ପଡ଼ିଯାଉଥିଲା। ପରେପରେ ଇନ୍ଦିରାଙ୍କ ପାଖକୁ ଆସିଛନ୍ତି ତାଙ୍କର ବଡ଼ କାକୀ ଧନମତୀ। ଆସିଲେ ତାଙ୍କର ପୁଅ ଇନ୍ଦିରାଙ୍କ ସାନ ଭାଇ ମହେନ୍ଦ୍ର। ଆହା! ମୁନିକୁମାରୀମାନଙ୍କୁ ପାଖରେ ପାଇ ସୀତାଙ୍କ ରୋଦନ ଯେପରି ଆହୁରି ବୃଦ୍ଧିପ୍ରାପ୍ତ ହୋଇଥିଲା, ସେହିପରି ପ୍ରିୟଜନଙ୍କୁ ପାଖରେ ପାଇ ପୁନଶ୍ଚ ଅଶ୍ରୁ ବର୍ଷଣ କଲେ ସେ। ଇନ୍ଦିରା ରକ୍ତ ମାଂସ ଅସ୍ଥିରେ ଗଢ଼ା ହୋଇଥିବା ଏକ ଶରୀର, ନା ସ୍ନେହାଶ୍ରୁରେ ନିର୍ମିତ ହୋଇଥିବା ଏକ ଜୀବନ୍ତ ବିଗ୍ରହ? ଗଙ୍ଗାଧର ଯେଉଁ ଚରିତ୍ରଗୁଡ଼ିକୁ ତାଙ୍କ କାବ୍ୟରେ ଲିପିବଦ୍ଧ କରିଛନ୍ତି, ସେମାନଙ୍କୁ ସ୍ୱଚକ୍ଷୁରେ ନିଜ ପରିବାର ଭିତରେ ଦେଖି ନ ଥିଲେ ସେ ଚରିତ୍ରଗୁଡ଼ିକ ଏତେ ପ୍ରାଣବନ୍ଦ ଆଉ ପ୍ରେରଣାପୂର୍ଣ୍ଣ ହୋଇପାରି ନ ଥା'ନ୍ତେ। ଗଙ୍ଗାଧର କାବ୍ୟ ଲେଖିଦେଇ ଚାଲିଗଲା ପରେ, ସେଇ କାବ୍ୟର ଗୋଟିଏ ପରେ ଗୋଟିଏ ମହନୀୟ ଚରିତ୍ର ସତେ କି ଜୀବନ୍ତ ରୂପ ପରିଗ୍ରହ କରି ଜନ୍ମ ନେଇଛନ୍ତି କବି ପରିବାରରେ। ଇନ୍ଦିରାଙ୍କୁ ଦେଖିଲେ ମନେହୁଏ ସତେ ଯେପରି ସେ ତପସ୍ୱିନୀ କାବ୍ୟର ସୀତା ଚରିତ୍ରର ପ୍ରାଣମୟୀ ପ୍ରତିରୂପ।



କବି ଗଙ୍ଗାଧର ମେହେର



କବିଙ୍କ ପରିବାର

ଇନ୍ଦିରାଙ୍କ ହୃଦୟକୁ ଗଙ୍ଗାଧରଙ୍କ କାବ୍ୟର ପ୍ରତିଟି ପଙ୍‌କ୍ତି ଭେଦିଯାଇଥିଲା ଗଭୀର ଭାବେ। ସେଇ ଦିନଠାରୁ ସେ ଆତ୍ମବିଭୋର ହୋଇ ପଢ଼ିଆସିଛନ୍ତି ଗଙ୍ଗାଧର ଗ୍ରନ୍ଥାବଳୀ। ତପସ୍ୱିନୀର ସୀତା ଚରିତ୍ର ତାଙ୍କୁ ସବୁବେଳେ ନେଇଯାଇଛି ଭିନ୍ନ ଏକ ଜଗତକୁ। ସେ ସବୁ ପଦ ପଙ୍‌କ୍ତି ଗାଇଲା ବେଳେ ତାଙ୍କୁ ଲାଗେ ସତେ ଯେପରି ସେ କ୍ରମେକ୍ରମେ ସୀତା ଚରିତ୍ରରେ ରୂପାନ୍ତରିତ ହୋଇଯାଉଛନ୍ତି। ଆଜି ତାଙ୍କର ବାପା ମାଆ ନାହାନ୍ତି। ଏଇ ସମୟରେ ତପସ୍ୱିନୀର ପଦ ତାଙ୍କ ହୃଦୟକୁ ଅଥୟ କରି ଦେଉଛି। ସେଦିନ ବାଲ୍ମୀକି ଆଶ୍ରମରେ ମହର୍ଷି ବାଲ୍ମୀକି ଯେପରି ସୀତାଙ୍କୁ ଶାନ୍ତି ଆଉ ସାନ୍ତ୍ୱନାର ବାଣୀ ଶୁଣାଇଥିଲେ, ଆଜି ଇନ୍ଦିରାଙ୍କର ମନେହେଲା ତାଙ୍କର କାକାମାନେ ମହର୍ଷି ବାଲ୍ମୀକିଙ୍କ ପରି, କାକୀମାନେ ଅନୁକମ୍ପାଙ୍କ ପରି, ଭଉଣୀମାନେ ମୁନିକୁମାରୀଙ୍କ ପରି ଆଉ ଭାଇମାନେ ମୁନିକୁମାରଙ୍କ ପରି। କବି ପରିବାର ଗଙ୍ଗାଧର ସ୍ମୃତିସଦନ ସବୁବେଳେ ତାଙ୍କ ପାଇଁ ଋଷି ଆଶ୍ରମ ପରି। ଏହି ତୀର୍ଥରେ ତାଙ୍କର ଜନ୍ମ ହୋଇଥିଲା ବୋଲି ଭାବିବା କ୍ଷଣି ଇନ୍ଦିରା ବିଗଳିତ ହୋଇଯାଆନ୍ତି। ବେଳେବେଳେ କବିଙ୍କ ଜୟନ୍ତୀ ତିଥିରେ ଧାଇଁ ଆସନ୍ତି ବରପାଲିକୁ। ଆଜି ମାଆ ବାପାଙ୍କର ଅନୁପସ୍ଥିତିରେ ସେ କାନ୍ଦୁଥିବା ବେଳେ ତାଙ୍କର ମନେହେଲା କାକା କାକୀ, ଭାଇଭଉଣୀମାନଙ୍କ କଣ୍ଠରେ ଯେମିତି ମାଆବାପାଙ୍କର ହୃଦୟର ଭାଷା ଭାସିଆସୁଛି। ଧୀରେଧୀରେ ଶୋକ ତ୍ୟାଗ କରି ସେ ସ୍ଥିର ଓ ନୀରବ ହୋଇଗଲେ। ଅନାଇଲେ ସମସ୍ତଙ୍କ ମୁହଁକୁ ବାରମ୍ବାର। ସମସ୍ତଙ୍କ ମୁହଁ ବାପା ମାଆଙ୍କ ମୁହଁ ପରି ସ୍ନେହ ଆଉ ଶ୍ରଦ୍ଧାରେ ଆପ୍ଲୁତ ହେବାପରି ମନେହେଲା ତାଙ୍କର। ନିଜକୁ ନିଃସହାୟ, ଏକାକିନୀ ବୋଲି ସେ ଆଉ ଭାବି ପାରନ୍ତେ ବା କିପରି! ହୃଦୟରେ ତାଙ୍କର ବାଜି ଉଠିଲା "ବିଶ୍ୱଦେଖ ମଧୁମୟରେ ଜୀବନ/ ବିଶ୍ୱଦେଖ ମଧୁମୟ।" ପୁଣି ମନେପଡ଼ିଲା "ଜନନୀର ସ୍ନେହ, ଜାୟାର ପ୍ରଣୟ ବୁଧ ବନ୍ଧୁ ସଦାଳାପ / ଜନକ ଆଦର ଏକଏକ ଝର ତଡ଼ି ଦେଉଛନ୍ତି ତାପରେ ଜୀବନ, ବିଶ୍ୱଦେଖ ମଧୁମୟ।" ବାପା ମା', କାକାକାକୀ, ଭାଇଭଉଣୀ ସମସ୍ତଙ୍କ ସ୍ନେହ ଆଉ ସଦିଚ୍ଛା ଏକଏକ ନିର୍ମଳ ନିର୍ଝର ହୋଇ ତାଙ୍କ ହୃଦୟ ଭିତରେ ପ୍ରବାହିତ ହେବାକୁ ଲାଗିଲା। ଆଗରୁ ଗଙ୍ଗାଧର ସଙ୍ଗୀତ ବିହ୍ୱଳ କଣ୍ଠରେ ସେ କେତେ ଗାଇଛନ୍ତି। ଆଜି ନିଜ ଅନ୍ତର ଭିତରେ ସେଇ ମଧୁରଗାନର ପ୍ରତିଧ୍ୱନୀ ତାଙ୍କୁ କୃତଜ୍ଞତାର ଅଶ୍ରୁରେ ଆପ୍ଲୁତ କରିଦେଉଛି।

- ପ୍ରାଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ତୃତୀୟ ପୃଷ୍ଠାରୁ...

## ଆତ୍ମନେପଦୀ ...

ସେଇଥିପାଇଁ ତମ ମୋ' ଅବସ୍ଥା ଏକା ହୋଇଗଲା। ତମର ସନ୍ତାନ ଥାଇ ତମେ ଦୁଇଜଣ ନିଃସନ୍ତାନ ଭଳି ଜୀବନଯାପନ ମଲା ପର୍ଯ୍ୟନ୍ତ କଲ। ଆଉ ମୋ' କପାଳରେ ତ ରାହୁ ବସିଥିଲା ବୋଲି ସୁନନ୍ଦା କହିଥିଲା। ସେଇ ରାହୁ ସରିତାର ଗର୍ଭକୁ ଶୂନ୍ୟ କରିଦେଲା। ବାପା ଆମେ ତଥାପି ମୁକ୍ତ ଭାବରେ ବଞ୍ଚି ଶିଖିଲୁ କେବଳ ତମପାଇଁ ଆଉ ବୋଉ ପାଇଁ। ବାପା ତୋର ଏକଛତ୍ରବାଦୀ ଶାସନ କେତେ ଯେ ଭୟଙ୍କର ତୁ ମଲା ବେଳକୁ! ବୋଉଲୋ! ଜାଣି ମୋତେ କହିବାକୁ ବାପାଙ୍କୁ କହିଲୁ, କହିଲୁ ମୋର ସବୁ ଭୁଲ୍ ହେଇଛି, ତମେ କହିଲେ ଅନି, ସରିତା ଫେରିଆସିବେ। ମୁଁ ଆସିଲି ବୋଉ ସରିତା ନୁହେଁ ତୁ ଯା!

ହେଲେ କେବଳ ତୋ' ମୁହଁରେ ଟିକେ ନିଆଁ ଦେବାକୁ। ତୁ କହତ ବୋଉ! ଆମ ଦି'ଜଣଙ୍କ ମନ ତଳର ବ୍ୟାଥାକୁ ଥରେମାତ୍ର ପଢ଼ିବାକୁ ଚେଷ୍ଟା କରିଥାଆନ୍ତୁ। ଶେୟାରମାର୍କେଟିଂରେ ମନ ନ ଲଗାଇ ଆମ ସହିତ ଶେୟାର କରିଥାଆନ୍ତୁ ଆମେ କ'ଣ ସମସ୍ତେ ସ୍ୱାଭାବିକ ଜୀବନଟେ ଜିଇ ନ ଥାଆନ୍ତେ। ସେଥିପାଇଁ ଆଉ ତୁ ସିନା ତାକୁ ଚିହ୍ନିପାରିଲୁନି। ହେଲେ ସରିତା ଚିହ୍ନିଛି ଲୋ ବୋଉ! ତୋ' ଭିତରେ ବସୁଧାଟେ ଥିଲା ବୋଲି ବଞ୍ଚିଶିଖିଛୁ। ଆମେ ସଳଖରେ ଠିଆ ହେବା ଶିଖିଛୁ। ସବୁ ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିଛି ଆମ ଘରପାଖର ଅନାଥ ଆଶ୍ରମ ଲୋ ବୋଉ। ସରିତା ବସୁଧାକୁ! ମାଆଟିଏ ହେବା ପାଇଁ ମାଗିଥିଲା। ସେ ଏବେ କେତେକେତେ ଅବୋଧ ଅନାଥ ଶିଶୁଙ୍କ ମାଆ ହେଉଛି। ମୁଁ ପାଇଛି ବାପା ହବାର ସୁଖ। ଆମର ଏଇ ମାଟିର ଦେହକୁ ଏ ମାଟି ଆବୋରି ନେଲାବେଳକୁ ଏଇ ସରିତାନିମେଶ ନିଳୟରୁ କେତେକେତେ ସରିତା ଅନିମେଶ ବାହାରି ସଳଖ ହେଇ ଏ ମାଟିରେ ଠିଆ ହେଇଥିବେ ଆମ ହାଡ଼ ଶୀତଳେଇବା ପାଇଁ ଲୋ ବୋଉ ବାପା ମୁଁ ଚାହେଁ କେହି ହେଲେ ଆମ ଜୀବନ କାହାଣୀ ପଢୁ। ତେଣୁ ଏଇ ବୋତଲ ଭିତରେ ଏ ଆତ୍ମନେପଦୀ ଲେଖି ତାକୁ ସିଲ୍ କରି ଫିଙ୍ଗିଦେଉଛି ନୀଳ ଦରିଆର ଛାତିରେ। ଯେତେବେଳେ ଏଇ ବୋତଲଟା ଭାସିଭାସି ନିଃସଙ୍ଗ ଭାବରେ ବେଳାଭୂଇଁ ଉପରେ ମୁହଁମାଡ଼ି ପଡ଼ିଥିବ, ସେତେବେଳେ କେହି ଜଣେ ତ ଉଠାଇବ। ବୋତଲର ସିଲ୍ ଠିପି ଖୋଲି ମୋ' ହାତ ଲେଖାକୁ ନିରେଖି ଚାହିଁବ, ଆମ ଧ୍ୱଂସର ମହାକାବ୍ୟରେ ଏକ ନୂଆ ଇସ୍ତାହାର ଯୋଡ଼ିବ। ଆଉ ନିଜ ଅନୁଭୂତିର ବ୍ୟସ୍ତତା ଭିତରେ ଭୁଲ୍ ଏମିତି କରିବ ନାହିଁ। ମୁଁ! ବଆଉ ସରିତା ପୁଣି ଥରେ ଇଚ୍ଛାକୃତ ଜୀବନଟେ ଜିଇ ଯିବୁ ବାପା। ଅନିମେଶ ଉଠିଲା। ବୋତଲ ଭିତରେ ସେଇ ଆତ୍ମନେପଦୀକୁ ବନ୍ଦୀ କରି ଦରିଆର ନୀଳ ଜଳରାଶିରେ ଦୂର ଖୁବ୍ ଦୂରକୁ ଫିଙ୍ଗିଦେଲା।

ଡି-୨୮୦, ସିଡିଏ ସେକ୍ଟର-୭, କଟକ-୧୪



# ପେସାଦାର ବକ୍ତା

ମୂଳ ରଚନା : ଆଂଟନ ଚେଖଭ
ଅନୁବାଦ : ପ୍ରସନ୍ନ କୁମାର କରବର

ଦେହାନ୍ତର ଦୁଇଦିନ ପରେ ସେ ଦିନର ଶୁଭ ସକାଳରେ ଆମ ଦେଶରେ ମହାମାରୀ ରୂପ ଧାରଣ କରିଥିବା ଦୁଷ୍ଟାଭାର୍ଯ୍ୟା ଓ ମଦ୍ୟପାନ ନାମକ ଦୁଇ ବ୍ୟାଧି ଯୋଗୁଁ ଦିବଂଗତ ହୋଇଥିବା ସରକାରୀ କର୍ମଚାରୀ କିରିଲ ଇଭାନୋଭିଚ ବାବିଲୋନଭ୍‌ଙ୍କର ସମାଧି କାର୍ଯ୍ୟକ୍ରମ ଆରମ୍ଭ ହେଲା। ଶବ ଶୋଭାଯାତ୍ରା ବାହାରିବା ମାତ୍ରେ ମୃତକଙ୍କର ଜଣେ ସହକର୍ମୀ ପୋପ୍ଲାଭସ୍କି ତାଙ୍କର ଜଣେ ଅନ୍ତରଂଗ ଓ ଜନପ୍ରିୟ ଯୁବବନ୍ଧୁ ପେଟ୍ରୋଭିଚ୍ ଜାପୋକିନ୍‌ଙ୍କୁ ଠାବ କରିବା ପାଇଁ ଘୋଡ଼ାଗାଡ଼ି ଛୁଟାଇଲେ। ପ୍ରିୟ ପାଠକମାନଙ୍କର ସ୍ମରଣଥିବ ଯେ ବିବାହ, ଜୁବିଲି ସମାରୋହ ଏବଂ ସମାଧୀକରଣ ଆଦି ସମାରୋହରେ ଜାପୋକିନ୍‌ଙ୍କର ତୁରନ୍ତ ଭାଷଣ ପ୍ରଦାନରେ ଚମତ୍କାର ଦଖଲ ଥିଲା। ଗଭୀର ନିଦ୍ରା, ପୁଷ୍ଟିହୀନତା, ପ୍ରଚୁର ମଦ୍ୟପାନ କିମ୍ବା ପ୍ରବଳ ଜ୍ୱରାକ୍ରାନ୍ତ ଥାଇ ମଧ୍ୟ ସେ ଚାହିଁଲେ ମନଲୋଭା ଭାଷଣ ପ୍ରଦାନ କରି ପାରୁଥିଲେ। ପାଣିକଳରୁ ଜଳ ନିର୍ଗତ ହେବା ପରି ତାଙ୍କ ମୁହଁରୁ ଶବ୍ଦଗୁଡ଼ିକ ବେଶ୍ ଉଚ୍ଚାରଣ ସମନ୍ୱୟ ରଖିବା ସହ ସ୍ୱଚ୍ଛନ୍ଦରେ ନିଃସୃତ ହେଉଥିଲେ। ଆଉ ଶବ୍ଦ ପ୍ରାଚୁର୍ଯ୍ୟ!- ତାଙ୍କ ବାଗ୍ମୀତାର ଅଭିଧାନରେ ଥିବା ଆବେଗମୟୀ ଶବ୍ଦଗୁଡ଼ିକ ରେସ୍ତୋରାଁର ମାଛିମାନଙ୍କଠାରୁ ବି ଅଧିକ ଗହଳିଆ ଥିଲେ।

ସେ ଦୀର୍ଘ ଓ ଦୀପ୍ତିମନ୍ତ ଭାଷଣ ପ୍ରଦାନ କରୁଥିଲେ। ଅନେକ କ୍ଷେତ୍ରରେ ବିଶେଷତଃ ବୈଶ୍ୟମାନଙ୍କ ବିବାହୋତ୍ସବରେ ଏମିତି ଅବିରତ ଗପୁଥିଲେ ଯେ ତାଙ୍କୁ ନିବର୍ତ୍ତାଇବା ପାଇଁ ପୋଲିସ ସାହାଯ୍ୟ ନେବାକୁ ପଡୁଥିଲା। ତାଙ୍କୁ ଠାବ କରି ପୋପ୍ଲାଭସ୍କି କହିଲେ, "ଆହେ ମିତ୍ର! ତମରି ପାଖକୁ ଆସିଛି। କୋଟ୍ ଓ ଟୋପି ପରିଧାନ କରି ମୋ' ସହିତ ସଅଳ ଆସ। ଆମର ଜଣେ ଦିବଂଗତ ସାଥୀଙ୍କୁ ଆମେ ସେପଟକୁ ମେଲାଣି ଦେବାର ବନ୍ଦୋବସ୍ତରେ ଅଛୁ। ତେଣୁ ତାଙ୍କର ମେଲାଣି ଉତ୍ସବରେ ତମକୁ କିଛି ଚିତ୍ତାକର୍ଷକ ମିଷ୍ଟଭାଷା ପ୍ରୟୋଗ କରିବାକୁ ହେବ- ଏପରି କାମ ପାଇଁ ତମେ ହିଁ ଆମର ଭରସା। ଲୋକଟା ଦଣ୍ଡିକିରି ମାଛଟେ ହୋଇଥିଲେ ତମକୁ ହରକତ କରି ନ ଥାନ୍ତୁ, କିନ୍ତୁ ଇଏ ହେଉଛନ୍ତି ସେକ୍ରେଟାରୀ ମାନେ ଆମ ଅଫିସ୍‌ର ଖମ୍ବ। ଏପରି ଜଣେ ହସ୍ତୀଙ୍କୁ ବିନା ଭାଷଣରେ ବିଦା କରିବା ଭାରି ଅସଙ୍ଗତ କଥା।"

'ଓଃ! ତମ ସେକ୍ରେଟାରୀ! ମାନେ ସେଇ ମଦ୍ୟପ ତ!'- ଜାପୋକିନ୍ ହାଇ ମାରିଲେ।

'ହଁ। ଦେଖ, ପିଠାପଣା ଓ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ଅଛି- ଘୋଡ଼ାଗାଡ଼ି ଖରଚା ବି ମିଳିବ। ପଳେଇ ଆସ ବନ୍ଧୁ! ବାକ୍ୟ ବାଗୀଶ ସିସେରୋଙ୍କ (ପ୍ରସିଦ୍ଧ ରୋମାନ୍ ବକ୍ତା) ଢଙ୍ଗରେ ସମାଧି ପାଖରେ ଏଣୁତେଣୁ ଗପିବ। ଦେଖିବ, ତମ ପ୍ରତି ସେମାନେ କିପରି କୃତଜ୍ଞତା ପ୍ରକାଶ କରିବେ!'

ଜାପୋକିନ୍ ତତ୍‌କ୍ଷଣାତ୍ ସମ୍ମତି ପ୍ରଦାନ କଲେ। ସେ ନିଜର ମୁଣ୍ଡବାଳକୁ ଫୁଙ୍ଗୁଳା କଲେ, ବିଷଣ୍ଣ ଦେଖାଯିବା ପାଇଁ ମୁହଁ ଭୁରୁଙ୍କୁଚା କଲେ ଏବଂ ପୋପ୍ଲାଭସ୍କି ସହିତ ରାସ୍ତା ଉପରକୁ ଓହ୍ଲାଇ ଗଲେ। ଘୋଡ଼ାଗାଡ଼ି ମଧ୍ୟରେ ପଶୁପଶୁ ସେ କହିଲେ, "ମୁଁ ତମର ସେକ୍ରେଟାରୀକୁ ଜାଣେ। ସିଏ ଗୋଟେ ଅକଲମନ୍ଦ ଦଗାବାଜ୍ ଏବଂ ପଶୁ। ସେ ସ୍ୱର୍ଗକୁ ଯାଉ, କିନ୍ତୁ ଏପରି ଏକ ସ୍ୱର୍ଗ ଯେଉଁଠି କେହି କେବେ ପାଦ ରଖେନି।"

'ଶୁଣ ଗ୍ରିସା! (ଜାପୋକିନ୍‌ଙ୍କ ଶ୍ରଦ୍ଧାନାମ) ମୃତଲୋକକୁ ନିନ୍ଦିବା ଠିକ୍ କଥା ନୁହେଁ।'

'ଅବଶ୍ୟ ନୁହେଁ, କଥାରେ ଅଛି ମୃତଲୋକ ସମ୍ପର୍କରେ ଭଲ କଥା କୁହ କିମ୍ବା ଚୁପ୍ ରହ। କିନ୍ତୁ ତଥାପି ସେ ଲୋକଟା ଗୋଟେ ପାଜି ଥିଲା।'

ଦୁଇବନ୍ଧୁ ଶବ ଶୋଭାଯାତ୍ରାରେ ଯୋଗଦେଲେ। କଫିନ୍ ଯାତ୍ରାଟି ଏତେ ମନ୍ଥର ଥିଲା ଯେ ସେଇଟା ମଶାଣିରେ ପହଞ୍ଚିବା ବେଳକୁ ସହଯାତ୍ରୀମାନେ ରାସ୍ତାକଡ଼ ବାର୍‌ଗୁଡ଼ିକରେ ତିନିତିନି ଥର ମୃତକର ଭଲ ସ୍ୱାସ୍ଥ୍ୟ କାମନା କରି ମଦ୍ୟପାନ କରିସାରି ଥିଲେ। ଶ୍ମଶାନ ମଧ୍ୟରେ କବର ଜାଗା ପାଖରେ ନୀତି ଓ ପରମ୍ପରାକୁ ସମ୍ମାନ ଜଣାଇ ମୃତକର ଶାଶୁ, ପତ୍ନୀ ଏବଂ ଶାଳୀ ଅଶ୍ରୁ ତର୍ପଣ କଲେ। କଫିନ୍ ତଳକୁ ଖସାଗଲା ବେଳେ ପତ୍ନୀ ତ 'ମୋତେ ତାଙ୍କ ସାଙ୍ଗରେ ଯିବାକୁ ଦିଅ' କହି ଚିତ୍କାର କଲେ, କିନ୍ତୁ ସମ୍ଭବତଃ ଭଲ ପେନ୍‌ସନ୍ କଥା ସ୍ମରଣ କରି ସେପରି କଲେ ନାହିଁ। ସବୁ ନାଟକବାଜି ସରିବା ପରେ ଜାପୋକିନ୍ ସମ୍ମୁଖ ଭାଗକୁ ଗଲେ, ସମସ୍ତଙ୍କ ଉପରେ ନେତ୍ର ସଂଚାର କଲେ ଏବଂ କହିଲେ, "ମୋର ଆଖି ଓ କାନକୁ କ'ଣ ମୁଁ ସତରେ ବିଶ୍ୱାସ କରିବି? ଏ କବର, ଅଶ୍ରୁଧୌତ ବଦନ, ଆର୍ତ୍ତଚିତ୍କାର ଏବଂ ଶୋକାକୁଳ ଗୁଣଗାନ- ଏକ ଭୟଙ୍କର ଦୁଃସ୍ୱପ୍ନ ନୁହେଁ ତ? କିନ୍ତୁ ବିଧାତା! ଏହା ସ୍ୱପ୍ନ ନୁହେଁ କାରଣ ଆମ ଆଖି ଆମକୁ ଠକେ ନାହିଁ। ଏହି ଲୋକ ଯାହାଙ୍କୁ ଆମେ ହାଆଲେ ଦେଖିଛେ- କେଡ଼େ ଉତ୍ସାହୀ, ଯୁବକସୁଲଭ ସତ୍ୟନିଷ୍ଠ ଏବଂ ସତେଜ ନ ଥିଲେ? କ୍ଲାନ୍ତି ବିରହିତ ମଧୁମକ୍ଷିକା ପରି ସେ ଆମ ସମାଜ ମଙ୍ଗଳ ରାଷ୍ଟ୍ରର ମଧୁଭାଣ୍ଡକୁ ଅନବରତ ମଧୁ ଯୋଗାଣ ଅବ୍ୟାହତ ରଖିଥିଲେ। ଅପ୍ରତିରୋଧନୀୟ ମୃତ୍ୟୁ ତା'ର କଙ୍କାଳିଆ କଠିନ ହସ୍ତ ଏପରି ସମୟରେ ତାଙ୍କ ଉପରେ ରଖିଛି, ଯେତେବେଳେ କି ପଶ୍ଚିମାଭିମୁଖୀ ବୟସ ସତ୍ତ୍ୱେ ବି ସେ ଶକ୍ତିବର୍ଦ୍ଧକ, ଆଶା ସଞ୍ଚାରକାରୀ ସଦ୍ୟ ପୁଷ୍ପ ପରି ଚହଟୁଥିଲେ। ଏହା ଅପୂରଣୀୟ କ୍ଷତି। କିଏ ପୂରଣ କରିପାରିବ ତାଙ୍କ ସ୍ଥାନ? ଆମର ଅନେକ ଉତ୍ତମ ସରକାରୀ କର୍ମଚାରୀ ଅଛନ୍ତି, ମାତ୍ର ପ୍ରୋକୋଫି ଓସିପିଚ ଥିଲେ ଅନନ୍ୟ। ହୃଦୟର ଗଭୀରତମ ପ୍ରଦେଶରେ ବି ସେ କର୍ତ୍ତବ୍ୟ ପରାୟଣତା ପ୍ରତି ପ୍ରତିବଦ୍ଧ ଥିଲେ। ସେ ତାଙ୍କ ଶକ୍ତିର ଅପଚୟ ନ କରି ବିଳମ୍ବିତ ନିଶୀଥ ପର୍ଯ୍ୟନ୍ତ ଖଟୁଥିଲେ, ହାତଗୁଞ୍ଜା ପ୍ରତି ଥିଲେ ଅନାସକ୍ତ, ଦୁର୍ଭେଦ୍ୟ। ଜନତାର ହିତ ବିରୁଦ୍ଧରେ ଯେଉଁମାନେ ତାଙ୍କୁ ଅର୍ଥଭ୍ରଷ୍ଟ ହେବାପାଇଁ ଉସୁକାଉ ଥିଲେ, ଯେଉଁମାନେ ବସ୍ତୁବାଦୀ ଆକର୍ଷଣରେ ପଡ଼ି ତାଙ୍କୁ କର୍ତ୍ତବ୍ୟଭ୍ରଷ୍ଟ ହେବାକୁ ପ୍ରରୋଚିତ କରୁଥିଲେ, ସେମାନଙ୍କୁ ସେ କେତେ ଘୃଣା କରୁ ନ ଥିଲେ! ହଁ, ଆମରି ସାମ୍ନାରେ ପ୍ରକୋଫି ଓସିପିଚ ତାଙ୍କର ସ୍ୱଳ୍ପ ବେତନକୁ ଦରିଦ୍ର ସହକର୍ମୀମାନଙ୍କ ମଧ୍ୟରେ ବଣ୍ଟନ କରିଦିଅନ୍ତି ଏବଂ ଆପଣ ବର୍ତ୍ତମାନ ଦେଖିଲେ ତାଙ୍କର ବଦାନ୍ୟତା ଉପରେ ନିର୍ଭରଶୀଳ ବିଧବା ଓ ଅନାଥ ରମଣୀମାନେ କିପରି ଆର୍ତ୍ତଚିତ୍କାର କଲେ। ଆପଣମାନେ ଜାଣନ୍ତି ଯେ ଉତ୍ତମ କର୍ମ ଓ ସରକାରୀ କର୍ତ୍ତବ୍ୟ ପ୍ରତି ସମର୍ପିତ ହୋଇ ସେ ଏପଟର ସୁଖକୁ ଜଳାଂଜଳି ଦେଇଥିଲେ, ଏପରିକି ପାରିବାରିକ ଶାନ୍ତିକୁ ବି ଉପେକ୍ଷା କରିଥିଲେ ଏବଂ ଶେଷାବସ୍ଥା ଯାଏଁ ଅବିବାହିତଙ୍କ ପରି ଚଳୁଥିଲେ। ଏବଂ କମ୍ରେଡ୍ ଭାବରେ କିଏ ତାଙ୍କ ସରି ହେବ? ତାଙ୍କର ଶ୍ମଶ୍ରୁହୀନ ସ୍ମିତହାସ୍ୟ ପରିପୂର୍ଣ୍ଣ ଦୟାର୍ଦ୍ର ମୁଖମଣ୍ଡଳକୁ ମୁଁ ଏବେ ବି ସଂଦର୍ଶନ କରି ପାରୁଛି-ତାଙ୍କର କୋମଳ, ବନ୍ଧୁତ୍ୱଭରା ସ୍ୱରଟି ଶୁଣି ପାରୁଛି। ପ୍ରୋକୋଫି ଓସିପିଚ! ତମର ଦେହାବଶେଷ ଶାନ୍ତି ଲାଭ କରୁ। ହେ ସଚ୍ଚୋଟ, ମହାନ୍ କର୍ମବୀର! ଅନନ୍ତ ଶୟନ ଭୋଗକର।"

ଜାପୋକିନ୍ କହି ଚାଲିଲେ, କିନ୍ତୁ ଶ୍ରୋତାମାନେ ଗୁଣୁଗୁଣୁ ହେଲେ। ତାଙ୍କ ଭାଷଣରେ ସମସ୍ତେ ପ୍ରୀତ ହେଲେ, କେତେକ ଅଶ୍ରୁତର୍ପଣ କଲେ; କିନ୍ତୁ ଗୁଡ଼ାଏ କଥା ସେମାନଙ୍କୁ ଅଜବ ଲାଗିଲା। ପ୍ରଥମତଃ ସେମାନେ ବୁଝିପାରିଲେ ନାହିଁ ଯେ ମୃତକର ନାମ ତ କିରିଲ ଇଭାନୋଭିଚ୍, ତାକୁ ପ୍ରୋକୋଫି ଓସିପିଚ ସଂବୋଧିତ କରାଯାଉଛି କାହିଁକି? ଦ୍ୱିତୀୟତଃ ସମସ୍ତେ ଜାଣିଥିଲେ ଯେ ମୃତବ୍ୟକ୍ତି ତା'ର ସମସ୍ତ ଜୀବନକାଳ କାନୁନାମୋଦିତ ପତ୍ନୀ ସହିତ ଅହରହ କଳହରେ ବିତାଇ ଦେଲା, ତେଣୁ ତାକୁ ତ ବାଡୁଆ କୁହାଯାଇ ପାରିବ ନାହିଁ। ତୃତୀୟତଃ ତା'ର ମୁଖମଣ୍ଡଳ ଲୋହିତ ଘନ ଶ୍ମଶ୍ରୁରାଜିରେ ଭରା ଥିଲା ଏବଂ ସେ ତାକୁ ମୁଣ୍ଡନ କରିଥିବା କଥା କେହି କେବେ ଜାଣିନାହାନ୍ତି। ତେବେ ବକ୍ତା କାହିଁକି ଶ୍ମଶ୍ରୁବିହୀନ ବଦନ କଥା କହୁଛନ୍ତି? ଶ୍ରୋତାମାନେ ବିବ୍ରତ ହେଲେ, ପରସ୍ପରକୁ ଚାହିଁଲେ ଏବଂ କାନ୍ଧ ଛିଞ୍ଚାଡ଼ିବାକୁ ଆରମ୍ଭ କଲେ।

କବରଆଡ଼କୁ ଦୃଷ୍ଟି ଫେରାଇ, ଅନୁପ୍ରାଣିତ ହେବାର ବାହାନା କରି ଜାପୋକିନ୍ ପୁଣି ଆରମ୍ଭ କଲେ, "ପ୍ରୋକୋଫି ଓସିପିଚ! ତୁମର ମୁହଁଟି ଥିଲା ନିରସ, ଏପରିକି ବିକଟାଳ, ତମେ ଥିଲ କ୍ଷଣକୋପୀ ଏବଂ ନିଷ୍ଠୁର; କିନ୍ତୁ ଆମେ ସମସ୍ତେ ଅବଗତ ଯେ ତମର ବହିରାବରଣ ତଳେ ସାଧୁତା ଓ ବନ୍ଧୁତାର ହୃଦୟଟିଏ ଧକ୍‌ଧକ୍ କରୁଥିଲା।"

ଅଳ୍ପକ୍ଷଣ ମଧ୍ୟରେ ଶ୍ରୋତାମାନେ ଖୋଦ୍ ବକ୍ତାଙ୍କଠାରେ କିଛି ଅଦ୍ଭୁତ ଭାବଭଙ୍ଗୀ ଲକ୍ଷ୍ୟ କଲେ। ତାଙ୍କର ଦୃଷ୍ଟି ଏକ ନିର୍ଦ୍ଦିଷ୍ଟ ଜାଗା ଉପରେ କେନ୍ଦ୍ରୀଭୂତ ଥିଲା ଏବଂ ସେ ବି ବଡ଼ ବିବ୍ରତ ହୋଇ କାନ୍ଧ ଛିଞ୍ଚାଡ଼ିବା ଆରମ୍ଭ କରି ଦେଇଥିଲେ। ହଠାତ୍ ସେ ବାକ୍ୟହୀନ ହୋଇଗଲେ ଏବଂ ବିସ୍ମୟାଭିଭୂତ ହୋଇ ଆଁ କରି ସାଥୀ ପୋପ୍ଲାଭସ୍‌ଙ୍କୁ ଚାହିଁଲେ।

'ଆହେ! ସେ ତ ବଞ୍ଚିଛି'- ନେତ୍ର ବିସ୍ତାରିତ କରି ଭୀତିଭରା କଣ୍ଠରେ କହିଲେ ଜାପୋକିନ୍।'

'କିଏ ବଞ୍ଚିଛି?'

'ପ୍ରୋକୋଫି ଓସିପିଚ, ହେଇଟି ସେ କବର ପ୍ରସ୍ତର ନିକଟରେ ଠିଆ ହୋଇଛି।'

'ସେ ତ କେବେ ମରି ନ ଥିଲା। ମରିଛି କିରିଲ ଇଭାନୋଭିଚ।'

'କିଂତୁ ତମେ କହିଥିଲ ତମ ସେକ୍ରେଟାରୀ ମରିଗଲା ବୋଲି।'

'କିରିଲ ଇଭାନୋଭିଚ ତ ଆମ ସେକ୍ରେଟାରୀ। ତମେ ଡହରାମି କରି ସବୁ ଓଲଟପାଲଟ କରିଦେଇଛ। ପ୍ରୋକୋଫି ଆମର ସେକ୍ରେଟାରୀ ଥିଲେ। ମାତ୍ର ଦୁଇବର୍ଷ ତଳେ ସେ ମୁଖ୍ୟ କିରାଣି ଭାବେ ଅନ୍ୟତ୍ର ବଦଳି ହୋଇ ଯାଇଛନ୍ତି।'

'ମୁଁ ଏବେ କହିବି କ'ଣ?'

'ତମେ ଚୁପ ରହିଚ କାହିଁକି? ସେଇଟା ବେଶି ଅସ୍ୱସ୍ତିକର। କହିଚାଲ।'

ଜାପୋକିନ୍ କବର ଆଡ଼କୁ ଚାହିଁଲେ ଏବଂ ଅସଂପୂର୍ଣ୍ଣ ଭାଷଣକୁ ସେଇ ଆଳଂକାରିକ ଢଙ୍ଗରେ ଆଗକୁ ବଢ଼ାଇଲେ।'

କବର ଦେବାକୁ ଥିବା ସ୍ଥାନରେ ଦାଢ଼ି ବିମଣ୍ଡିତ ବୃଦ୍ଧ କିରାଣି ପ୍ରୋକୋଫି ଓସିପିଚ ସବୁ ଶୁଣୁଥା'ନ୍ତି। ସେ ବକ୍ତାଙ୍କୁ ଅନାଇ ରକତଚାଉଳ ଚୋବାଉ ଥା'ନ୍ତି।

ଫେରନ୍ତା ବାଟରେ ସହ କିରାଣି ମାନେ ଓସିପିଚଙ୍କୁ ଥଟ୍ଟା କରି କହିଲେ, 'ତମେ ବି କବରକୁ ଗୋଡ଼ ବଢ଼ାଇଲଣି!'... ତା'ପରେ ଜାପୋକିନ୍‌ଙ୍କୁ କହିଲେ, 'ଆହେ! ଜିଅନ୍ତା ମଣିଷଟାକୁ କବର ଦେଇଦେଲ?'

ପ୍ରୋକୋଫି ଓସିପିଚ ଅସଂତୋଷ ପ୍ରକଟ କରି ଜାପୋକିନ୍‌ଙ୍କୁ କହିଲେ, 'ଯୁବକ! ଜଣେ ମୃତବ୍ୟକ୍ତି ପାଇଁ ତମର ଭାଷଣ ଯୁକ୍ତିଯୁକ୍ତ ହୋଇପାରେ ନା ନାହିଁ! କୌଣସି ଜୀବିତ ଲୋକ ସଂପର୍କରେ ଏପରି କଥନ କେବଳ ବିଦ୍ରୂପ ଛଡ଼ା ଅନ୍ୟ କିଛି ନୁହେଁ। ଆଉ ମୋର ମୁହଁ ଉପରେ ଏପରି ବିସ୍ତୃତ ବିବରଣୀ ଦେବା ପାଇଁ ଆପଣଙ୍କୁ କିଏ ଅନୁରୋଧ କରିଥିଲା ମହାଶୟ? ନିରସ, ବିକଟାଳ... ଧରନ୍ତୁ ଏହା ସତ୍ୟ। ତେବେ ମୋ' ଚେହେରାକୁ ଏପରି ସର୍ବସାଧାରଣରେ ତମେ ପ୍ରଦର୍ଶନ କରୁଥିଲ କାହିଁକି? ଜଣେ ଜୀବିତ ବ୍ୟକ୍ତି ପାଇଁ ଏହା ବିଦ୍ରୂପ ଛଡ଼ା ଅନ୍ୟ କିଛି ନୁହେଁ। ସତରେ, ମୋ ସଂପର୍କରେ ତମେ କ'ଣ ସବୁ କହିଗଲ? ଅନାସକ୍ତ, ଦୁର୍ନୀତିମୁକ୍ତ, ଲାଂଚ ଏହା ନିତାନ୍ତ ଅପମାନଜନକ ଅପରାଧ।

- ପ୍ଲଟ ନଂ-୫୫, ରତ୍ନାକର ବାଗ-୧, ଟଙ୍କପାଣି ରୋଡ, ଭୁବନେଶ୍ୱର-୧୮

ସୃଜନ-ଆଳାପ

# ସମୟ କ୍ରମେ ମଳିନ ହୁଏନା ଜୀବନର କେତେକ ସତ୍ୟ

**-ମନୋଜ ଦାସ**

**ମନୋଜ ଦାସ ଭାରତୀୟ ସାହିତ୍ୟର ସେହି ଦିଗଟିର ଦିଗପାଳ, ଯେଉଁ ଦିଗଟିକୁ ଅବଧାରିତ ଭାବେ କହିହେବ 'ପୂର୍ବ ଦିଗ'। ଆଦ୍ୟ କୈଶୋରରୁ ଅତି ପରିଣତ ବୟସଯାଏଁ ଉଭୟ ଓଡ଼ିଆ ଓ ଇଂରାଜୀ ସାହିତ୍ୟରେ ତାଂକର ଅଭୀକ, ନିରବଚ୍ଛିନ୍ନ, ସାରସ୍ୱତ ଯାତ୍ରାଯେ ଏକ ବିସ୍ମୟ, ଏଥିରେ ସନ୍ଦେହ ନାହିଁ। 'ସମୁଦ୍ରର କ୍ଷୁଧା', 'ଲକ୍ଷ୍ମୀର ଅଭିସାର', 'ଧୂମ୍ରାଭ ଦିଗନ୍ତ' ଓ 'ଆବୁ ପୁରୁଷ' ଭଳି ଗଳ୍ପ; 'ବୁଲ୍‌ଡୋଜର୍ସ', 'ପ୍ରଭଞ୍ଜନ', 'ଆକାଶର ଇସାରା', 'ଅମୃତଫଳ', 'ତନ୍ଦ୍ରାଲୋକର ପ୍ରହରୀ' ଓ 'ଶେଷ ତାନ୍ତ୍ରିକର ସଂଧାନରେ' ଭଳି ଉପନ୍ୟାସ; 'କେତେ ଦିଗନ୍ତ', 'ସଂଧାନ ଓ ସଂକେତ' ଭଳି ନିବନ୍ଧ ଏବଂ ସର୍ବୋପରି 'ଦୂର ଦୂରାନ୍ତର', 'ଅଦୂର ବିଦେଶ' ଓ 'ଇଣ୍ଡୋନେସିଆ ଅନୁଭୂତି' ଭଳି ଭ୍ରମଣ ବୃତ୍ତାନ୍ତର ଅମ୍ଳାନ ସ୍ରଷ୍ଟା ଏଇ ସ୍ଥିତପ୍ରଜ୍ଞ ଲେଖକଂକୁ ଏବେ ମିଳିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଦତ୍ତ 'କବି ସମ୍ରାଟ୍ ଉପେନ୍ଦ୍ରଭଞ୍ଜ ପୁରସ୍କାର', 'ନାଲ୍‌କୋ ସମ୍ମାନ' ଓ କାଦମ୍ବିନୀ ସାହିତ୍ୟ ପତ୍ରିକା ପ୍ରଦତ୍ତ ଜାତୀୟ ସ୍ତରର ପ୍ରଥମ 'ନୀଳିମାରାଣୀ ପୁରସ୍କାର' (ପାଞ୍ଚ ଲକ୍ଷ ଅର୍ଥରାଶି ସହ ପଦକ ଓ ଉପଢୌକନ)। 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର', 'ଶାରଳା ପୁରସ୍କାର', 'ଗଙ୍ଗାଧର ରଥ ଫାଉଣ୍ଡେସନ୍ ପ୍ରଦତ୍ତ 'ସାହିତ୍ୟ ଭାରତୀ ସମ୍ମାନ' ଓ ସର୍ବୋପରି 'ବିରଳା ଫାଉଣ୍ଡେସନ୍' ପ୍ରଦତ୍ତ ମର୍ଯ୍ୟାଦାଜନକ 'ସରସ୍ୱତୀ ସମ୍ମାନ' ବିଜେତା ଏହି ପ୍ରବୁଦ୍ଧ ସ୍ରଷ୍ଟାଂକଠାରୁ ୨ ଫେବୃୟାରୀ, ୨୦୧୯ରେ ଗୃହୀତ ଏଇ ସାକ୍ଷାତ୍‌କାର...**



**❖ତନ୍ତ୍ରକୁ ପ୍ରସଂଗ କରି ଆପଣ ଦୁଇଟି ଖୁବ୍ ଉଚ୍ଚକୋଟୀର ଉପନ୍ୟାସ ଲେଖିଛଂତି। ଗୋଟିଏ 'ତନ୍ଦ୍ରାଲୋକର ପ୍ରହରୀ' ଓ ଅନ୍ୟଟି 'ଶେଷ ତାନ୍ତ୍ରିକର ସଂଧାନରେ'। ଏହାର ନେପଥ୍ୟଟି କ'ଣ?**

❍ମୋର ସୌଭାଗ୍ୟକ୍ରମେ ବାଲ୍ୟାବସ୍ଥାରେ ମୁଁ ଦୁଇ ତିନି ଜଣ ଅତି ସାଧାରଣ ତାନ୍ତ୍ରିକଙ୍କ ସଂସ୍ପର୍ଶରେ ଆସିଥିଲି। ଏମାନେ ଶାସ୍ତ୍ରୀୟ ତାନ୍ତ୍ରିକ ନୁହନ୍ତି। କାହାକୁ ସର୍ପ ଦଂଶନ କରିଥିଲେ ବା କାହାରି ଉପରେ କୌଣସି ଅପଶକ୍ତି ସବାର ହୋଇଥିଲେ ଏମାନେ ଗୁଣିଗାରେଡ଼ି ଦ୍ୱାରା ପ୍ରତିକାର କରାଇଥାଂତି। ଏମାନଙ୍କ କୃତିତ୍ୱ ମୋତେ ଅଭିଭୂତ କରିଥିଲା। ସମୟକ୍ରମେ ଅଧିକ ଜାଣିବା ପାଇଁ ତନ୍ତ୍ର ସାହିତ୍ୟର ଉଚ୍ଚାଙ୍ଗ ପର୍ଯ୍ୟାୟ ପଢ଼ିବାକୁ ଆରମ୍ଭ କଲି। ଦୀର୍ଘ ୫୫ବର୍ଷ ଶ୍ରୀଅରବିନ୍ଦ ଆଶ୍ରମରେ ଅତିବାହିତ କରିବା ଅବକାଶରେ ମୁଁ ବହୁ ଗୁଣୀ ଓ ବିଦ୍ୱାନ୍‌ଙ୍କ ନିକଟ ସଂପର୍କରେ ଆସିଛି। ମଧ୍ୟେ ମଧ୍ୟେ ହିମାଳୟ ବି ଯାଏ। ଋଷିକେଶ, ବଦ୍ରିକାଶ୍ରମ ଯାଏ। ଋଷିକେଶରେ ମୁଁ ଏପରି ଜଣେ ସାଧୁ (ଯାହାଂକ ନାଁ ଗୋପନ ରଖିବାକୁ ଚାହିଁବି)ଙ୍କ ସଂସ୍ପର୍ଶରେ ଆସିଛି, ଯାହା ତନ୍ତ୍ର ସଂପର୍କରେ ମୋର ବିଶ୍ୱାସକୁ ଦୃଢ଼ୀଭୂତ କରିଛି। ଏସବୁ ମିଶିମାଶି ମୋ' ଉପନ୍ୟାସର ପୃଷ୍ଠଭୂମି ଗଢ଼ିଛନ୍ତି।

**❖ଶ୍ରୀମା'ଙ୍କ occult ଉପରେ ଗଭୀର ଜ୍ଞାନ ଓ ଅନୁଭବ ଥିଲା...**

❍ହଁ, କିନ୍ତୁ ତାଙ୍କର ସମୁଦାୟ ଜ୍ଞାନ ଭଣ୍ଡାରର ଏହା ଏକ ସାମାନ୍ୟ ଅଂଶମାତ୍ର। ଆପଣ ବୋଲି କହୁଛି- ମା' ତାଂକ ପୂର୍ବ ଜନ୍ମରେ ଜଣେ ରାଜକୁମାରୀ ଥିଲେ। ତାଂକ ମରଶରୀର ଏବେ ବି ହିମାଳୟର ଏକ ଗୁମ୍ଫାରେ ଆବଦ୍ଧ ହୋଇ ରହିଛି। ମା' ନିଜେ ମୋତେ ଏକଥା କହିଛନ୍ତି। ସେ ତ ଅନେକ ଜନ୍ମରେ ଆସିଛନ୍ତି। କେବେ ଜଣା ତ କେବେ ଅଜଣା।

**❖ଉପନ୍ୟାସର ନାଁ 'ଶେଷତାନ୍ତ୍ରିକର ସଂଧାନରେ' କାହିଁକି ରଖିଛନ୍ତି?**

❍ଉପନ୍ୟାସର ସେଇ କନ୍ୟା ହୈମବତୀ ପ୍ରକୃତରେ ଦିବ୍ୟ ଜନନୀଙ୍କର ଅଂଶବିଶେଷ ଏବଂ ପୃଥିବୀରେ ତନ୍ତ୍ରର ଶେଷ ହୋଇ ଆସୁଥିବା ପ୍ରେକ୍ଷାପଟରେ ହିମାଦ୍ରି ବାବା ହେଉଛନ୍ତି ଶେଷ ତାନ୍ତ୍ରିକ। ଦିବ୍ୟ ଜନନୀଙ୍କ ପାଖରେ ସେ ନିବେଦିତ କରୁଛନ୍ତି ତାଂକ ଅର୍ଜିତ ସମସ୍ତ ତନ୍ତ୍ରବିଦ୍ୟା।

**❖ଆପଣ ଯେତେବେଳେ ଚପଳ କିଶୋର, ବୋଧହୁଏ ୧୯୪୯ ହେବ, ପ୍ରକାଶ ପାଇଛି ଆପଣଙ୍କର ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା'। କିନ୍ତୁ ଏବେ ବି ଲାଗେ, ଯେମିତି ଏ ଗଳ୍ପ ଏଇ ଏଇ ଲେଖାଯାଇଛି। ଗଳ୍ପ/ସାହିତ୍ୟର କେଉଁ ବିଶେଷ ଗୁଣ ଯୋଗୁଁ ଲେଖାର ଏ ତାଜାପଣ କାଏମ୍ ରହେ ସମୟରୁ ସମୟାନ୍ତର?**

❖ଏହାର ଉତ୍ତରରେ ଗୋଟିଏ ଶବ୍ଦ ମୁଁ ବରାବର କହିଆସିଛି (କାହା କାହାକୁ ହୁଏତ କ୍ଳେଶକର ବୋଧ ହୋଇପାରେ!), ତାହା ହେଉଛି 'ପ୍ରେରଣା'। କୌଣସି ଗଳ୍ପ/ଉପନ୍ୟାସ ପଛରେ ଯଦି ସେଇ ପ୍ରେରଣାଟି ରହିଥିବ, ତେବେ ସେ ମାନବଚେତନାର ଏପରି ଏକ ସୂକ୍ଷ୍ମତନ୍ତ୍ରୀକୁ ସ୍ପର୍ଶ କରିବ, ଯାହା ଯୋଗୁଁ ସେ ଗଳ୍ପ ବା ଉପନ୍ୟାସର ପ୍ରଭାବ ପାଠକ ଉପରେ ଅବ୍ୟାହତ ରହିବ। 'ପ୍ରେରଣା'ର ସଂଜ୍ଞା ନିରୂପଣ ସହଜ ନୁହେଁ। ଏହା 'ଆବେଗ'ଠୁଁ ଭିନ୍ନ। ଆବେଗ ସ୍ତରରେ ଅନେକ ଭଲ ଗଳ୍ପ ଲେଖାଯାଇପାରେ। କିନ୍ତୁ 'ପ୍ରେରଣା' ଏକ ଉଚ୍ଚତମ ସ୍ତରରୁ ତାଗିଦା (ନିର୍ଦ୍ଦେଶ) ଭଳି ଆସେ।

ଜୀବନରେ କେତେକ ସତ୍ୟ ସମୟ କ୍ରମେ ମଳିନ ହୋଇଯାଏନା। ଯଥା: ମାଆର ସ୍ନେହ, ପୁତ୍ର ବିୟୋଗର ଦୁଃଖ- ଏହାର ତୀବ୍ରତା/ଆନ୍ତ୍ରିକତା ସବୁବେଳେ ସମାନ। ମଣିଷ ଚେତନାର ପୂର୍ଣ୍ଣତା ପାଇଁ ଏକ ଆରୋହଣର କ୍ରମ ମୋ' ଗଳ୍ପ/ଉପନ୍ୟାସରେ ପ୍ରଚ୍ଛନ୍ନ ଥାଏ। ଏହା ସାଧାରଣ ପାଠକକୁ ବିବଶ କରେ। (ଆପଣଂକ କଥା ଭିନ୍ନ) ଆପଣ ଜଣେ ସର୍ଜନଶୀଳ ସ୍ରଷ୍ଟା।

**❖'ଆକାଶର ଇସାରା'?**

ଉ: 'ଆକାଶର ଇସାରା'ର ମୁଖ୍ୟ ଚରିତ୍ରଟି ଘଟଣାକ୍ରମେ ସାଧୁ ବୋଲି ପରିଚିତ ହେଉଛି। ଏକ ଅଭିନୟ ଭିତରୁ କିପରି ଏକ ସତ୍ ଚରିତ୍ରର ପ୍ରକଟିତ ହୁଏ, ଏହା ତା'ର ନମୁନା।

**❖'ପ୍ରଭଞ୍ଜନ' ଆପଣଙ୍କର ଅନ୍ୟତମ ବହୁ ପଠିତ/ଚର୍ଚ୍ଚିତ ଉପନ୍ୟାସ। ଏଥିରେ ଆପଣଙ୍କ କେନ୍ଦ୍ରୀୟ ବକ୍ତବ୍ୟଟି କ'ଣ?**

❍'ପ୍ରଭଞ୍ଜନ'ରେ ସମାଜର ତିନୋଟି ବିଶେଷ ଅବସ୍ଥାର ସନ୍ଧିକ୍ଷଣ (transition)କୁ ମୁଁ ଦେଖାଇଛି। ରାଜତନ୍ତ୍ର/ଜମିଦାରତନ୍ତ୍ରରୁ ଗଣତନ୍ତ୍ର, ପରାଧୀନତାରୁ ସ୍ୱାଧୀନତା ଓ ନିପଟପଲ୍ଲୀରୁ ବଜାର। ତା' ଭିତରେ ଏକ ଚରିତ୍ର ରୂପ ଘେନୁଛି, ସମାଜ ସଂପର୍କରେ ଯାହାର ମୋହଭଙ୍ଗ ଘଟୁଛି।

**❖ଆପଣଙ୍କର ଅଧିକାଂଶ ଲେଖାରେ ଲୌକିକତା ଓ ଅଲୌକିକତାର ଲୁଚକାଳି ଖେଳ ଚାଲିଥାଏ ଓ ଶେଷରେ ଲୌକିକତା ଉପରେ ଅଲୌକିକତାର ବିଜୟ ଘଟେ। ଏହାର ରହସ୍ୟଟି କ'ଣ?**

❍ଏଠି ଦୁଇଟି ଶବ୍ଦ ମୋର ସ୍ମରଣକୁ ଆସୁଛି। 'ବାସ୍ତବତା' ଓ 'ପରାବାସ୍ତବତା'। ଦୁଇଟିଯାକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯଦି ଜଣେ ଟିକିଏ ସଚେତନ ହେବ, ତେବେ ରୁକ୍ଷ ବାସ୍ତବତାରେ ସେ କଦାପି ବେଶୀ କାଳ ରହିପାରିବ ନାହିଁ। 'ପରାବାସ୍ତବତା' ଚେତନାକୁ ପ୍ରଭାବିତ କରିବାର କ୍ଷମତା ରଖେ।

**❖'ପ୍ରାପ୍ତ ବୟସ୍କର ପଞ୍ଚତନ୍ତ୍ର' ଲେଖିବା ପାଇଁ ପ୍ରାଚୀନ 'ପଞ୍ଚତନ୍ତ୍ର' ଆପଣଙ୍କୁ ବାଧ୍ୟ କରିଛି କି?**

❍'ପଞ୍ଚତନ୍ତ୍ର' ଗଳ୍ପଗୁଡ଼ିକର ପାଠ ଶେଷ କରିବା ମାତ୍ରେ ସେ ସବୁର ଏକ ସମ୍ଭାବ୍ୟ ବିକାଶ ମୋ' କଳ୍ପନାକୁ ଆସିଯାଇଛି, ଯାହାକୁ ମୁଁ ମୋ' ଗଳ୍ପରେ ରୂପ ଦେଇଛି। ଏହି ପ୍ରସଙ୍ଗରେ ଆପଣ ମୋ' ମୌଳିକ ଇଂରାଜୀ ଗଳ୍ପ "The Lady who died one and half times"କୁ ସ୍ମରଣ କରିପାରନ୍ତି। 'ନୂତନ ଅବୋଲକରା କାହାଣୀ'ର ଉତ୍ସ ବି ଏଇ ଏକାଭଳି।

**❖ଆପଣ 'ଧରିତ୍ରୀ' ଓ ତା' ପଛର ପ୍ରେରଣା ନନ୍ଦିନୀ ଦେବୀଙ୍କୁ ଖୁବ୍ ପାଖରୁ ଜାଣିଛନ୍ତି, 'ଧରିତ୍ରୀ' ଆରମ୍ଭ ବେଳର କିଛି ସ୍ମୃତି ମନେପକାଇ ପାରିବେ?**

❍'ଧରିତ୍ରୀ'ରେ ମୋର 'କେତେ ଦିଗନ୍ତ' ଧାରାବାହିକ ପ୍ରକାଶ ପାଇଛି। ଏହା ୧୯୭୫-୭୬ର, ଧରିତ୍ରୀ ଆରମ୍ଭ ବେଳର କଥା। କିଛି ସମ୍ପାଦକୀୟ ବି ଲେଖୁଛି। ଆମ ଘରେ ବସି 'ଧରିତ୍ରୀ' ପ୍ରକାଶନର ଦିନ ବାର ସ୍ଥିର ହୋଇଥିଲା। ଉପସ୍ଥିତ ଥିଲେ ନନ୍ଦିନୀ ଦେବୀ, ଦେବେନ୍ଦ୍ର ବାବୁ ଓ ରାମନାଥ ପଣ୍ଡା। ମୁଁ କହିଲି-'ହଠାତ୍ ଏତେ ବଡ଼ ପଦକ୍ଷେପ ନିଅନ୍ତୁ ନାହିଁ, ଟିକେ ସମୟ ନିଅନ୍ତୁ। ନନ୍ଦିନୀ ଦେବୀ କହିଲେ- କୌଣସି କାର୍ଯ୍ୟରେ ହଠାତ୍ ପାଦ ନ ଉଠାଇଲେ, କିଛି କରି ହୁଏନା। ନଭେମ୍ବର ୨୪, ୧୯୭୪ (ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ)ରେ ପ୍ରକାଶ ପାଇଲା 'ଧରିତ୍ରୀ'।

**❖'ବୁଲ୍‌ଡୋଜର୍ସ'ରେ ଅଛି ଭିନ୍ନ ବାସ୍ତବତା, ଯାହା 'ପ୍ରଭଞ୍ଜନ', 'ଆକାଶର ଇସାରା' ବା 'ଅମୃତଫଳ'ଠୁଁ ଭିନ୍ନ...**

❍ହଁ, 'ବୁଲ୍‌ଡୋଜର୍ସ'ରେ ରୂପ ପାଇଛି ସାମାଜିକ ବିଦ୍ରୂପ। ସମାଜକୁ ନିରୀକ୍ଷଣ କରିବା ଭିତରେ ଯେଉଁ ଭାବନା ସବୁ ମୋତେ ଉଦ୍‌ବେଳିତ କରିଛି, ତାହା। ଏଥିର ସବୁକଥା ଘଟଣା ଆଧାରିତ, factual.

**❖'ଅମୃତଫଳ' ଉପନ୍ୟାସ ପାଇଁ ଆପଣ ପାଇଛନ୍ତି 'ସରସ୍ୱତୀ ସମ୍ମାନ'। 'ଜ୍ଞାନପୀଠ' ଏତେ ବିଳମ୍ବିତ କାହିଁକି?**

❍୧୯୮୫ରେ ମୁଁ ଯେତେବେଳେ ବେଶ୍ ତରୁଣ, ମୋ' ବହି ଜଣେ ଅତି ପ୍ରଖ୍ୟାତ ଓ ପ୍ରବୀଣ ଭାରତୀୟ ଲେଖକଙ୍କ ସହ ସମସ୍ଥିତିରେ ଥିଲା। ତୃତୀୟ ପର୍ଯ୍ୟାୟକୁ ମୋ' ବହି ବାରବାର ଆସୁଛି। ହେବା ନ ହେବା ଭିନ୍ନ କଥା।

**❖ମା' କହିଛନ୍ତି- ଶ୍ରୀଅରବିନ୍ଦଙ୍କ ତପସ୍ୟାଲବ୍ଧ ଅତିମାନସ ପୃଥିବୀରେ କ୍ରିୟାଶୀଳ। କିନ୍ତୁ ପୃଥିବୀର ରୂପାଂତର ବିଳମ୍ବିତ କାହିଁକି?**

❍ମଣିଷର ସଂପୂର୍ଣ୍ଣ ଅସହଯୋଗ ଏହାର କାରଣ। ମଣିଷ ତା' ଅହଂକାର ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛନ୍ନ ଓ ଅଭୀପ୍ସିତ ରୂପାଂତର ପାଇଁ ସମ୍ମତି ଦେବାକୁ କୁଂଠିତ। ଆଜିର ମଣିଷ 'ସତ୍ୟ' ପରିଚାଳିତ ନୁହେଁ। ଭୁଲତାରେ ପରିପୂର୍ଣ୍ଣ ତା'ର ଜୀବନ। ତେଣୁ ଆଜି ସମାଜରେ କେହି ସୁଖୀ ନୁହନ୍ତି। ଏହା ଅବଶ୍ୟ ଏକ ସାମୟିକ ଭ୍ରାନ୍ତି, ଯାହା ଅପସରି ଯିବାକୁ ବାଧ୍ୟ।

**- ପ୍ରଶ୍ନ ଓ ପ୍ରସ୍ତୁତି: ଡକ୍ଟର ହୃଷୀକେଶ ମଲ୍ଲିକ**




# ବାଲିଘର

## ଡ. ଗୋବିନ୍ଦ ଚନ୍ଦ୍ର ଦାଶ

କି ବା ଜୀବନ ଇଏ
ସୂତା ଖିଅଟିରେ ବନ୍ଧା
ଜିଇବାର ବେଳ ସରି ଆସିଲାଣି
ଛାଇନେଉଟା ବେଳକୁ
ଆଶ୍ୱାସବୁ ବେସାହାରା କରି
ଚାଲିଗଲେଣି ଯିଏ ଯେଝା ବାଟେ...

ଅଳ୍ପ ଅଳ୍ପ ଜହ୍ନରାତି
ଛାଇଛାଇ ନିଦ ଭଳି
ମହଳଣ ପଡ଼ିଲାଣି
ନା ସ୍ୱପ୍ନ ଅଛି ନା ବାସ୍ତବତା !
ଚାରିଆଡ଼ ଖାଁ ଖାଁ
ଅଖଣ୍ଡ ଅଦୃଶ୍ୟ ନୀରବତା ।।

କାହାକୁ ନେଇ ମୋର
ଏ ଘର ସଂସାର !
କାମନା ବୋଲି କିଛି ନାହିଁ
କିଏ ସେଥିରୁ ଚୋରେଇ ନେଇଛି
ଇନ୍ଦ୍ରିୟସବୁ, ମନରେ
ଲାଗିଛି ଅଶ୍ରଦ୍ଧାର ନିଆଁ
ଚିତ୍ତରେ ଖେଳୁଛି ଛଅ ଭାଗ
ହୋଇଥିବା ଛପନ ଭୋଗ ।।

ବୁଦ୍ଧିରୁ ଲୁଚିଯାଇଛି ବିବେକ,
ଅହଂକାର ବନ୍ଦୀ ହୋଇ
ଯାଇଛି କାହିଁକିର କାରାଗାରେ,
ନିଜକୁ ସମର୍ପି ଦେଇଛି
ନିଜ ନଜରବନ୍ଦିରେ ।।

ଜଟିଳ ଏ ଜୀବନ
ଭୟର ଏକ ଭଗ୍ନ ବାଲିଘର ।।

**– ଏନ୍-୩, ନୟାପଲ୍ଲୀ, ଭୁବନେଶ୍ୱର**

# ଝିଅ କାନ୍ଦିଥିଲା

## ରବି ମାଝୀ

ଝିଅ କାନ୍ଦିଥିଲା
ଯେଉଁଦିନ ଭୂମିଷ୍ଠ ହେଲା ।
ଚଉକାନୀ ପଞ୍ଜର ଭୂଇଁରେ
ଅନ୍ଧାରି ଗମ୍ବୁଜରୁ
ବାହାରି ଆଲୁଅ ଦେଖିଲା ।

ଝିଅ କାନ୍ଦିଥିଲା
ଯେଉଁଦିନ ସୁନ୍ଥାଣିରେ
ସିନ୍ଦୂର ପିନ୍ଧିଲା ।
ପୁରୁଷର ହାତ ଧରି
ବାଟ ଚାଲିବାକୁ
ଚୁକ୍ତିବଦ୍ଧ ହେଲା ।

ଝିଅ କାନ୍ଦିଥିଲା
ଯେଉଁଦିନ ସ୍ୱାମୀଘର ଲୋକେ
ଯଉତୁକ ଖିଲାପରେ ଉଘେଇଲେ
ତା' ଆଖିରେ ଅଶ୍ରୁ ଭରିଦେଲେ ।

ଝିଅ କାନ୍ଦିଥିଲା
ସୃଷ୍ଟିର ପ୍ରଥମ ସ୍ତବକ
ଯେଉଁଦିନ ନାଭି ନାଡ଼ ଧରି
ତାକୁ ଦ୍ୱିଖଣ୍ଡିତ କଲା ।
ଝିଅ କାନ୍ଦିଥିଲା
ହସ୍ତଗଣ୍ଠିର ଆସ୍ଥା ଭାଙ୍ଗି
ପୁରୁଷଟି ଯେଉଁଦିନ ମୁଷ୍ଟିଘାତ କଲା ।

ଝିଅ କାନ୍ଦିଥିଲା
ଯେଉଁଦିନ ମହିଷା ନିଧନ ପାଇଁ
ତା' ପଦ୍ମକୋମଳ ହାତଟି
ଦଶଅସ୍ତ୍ର ନେଲା ।

ହେ ଶିବ !
କାହିଁକି ତା' ପଥରୋଧ କଲ ?
କନ୍ୟା ବୋଲି ? ?

**– କବିତା ଭବନ, ଜୟଦେବ ବିହାର, ଭୁବନେଶ୍ୱର**

# ବାପା

## ଝୁନିଲତା ବହିରା

ବାପା, ଆକାଶରୁ ମାଟି ଛୁଇଁ
ପୁଣି ମାଟିରୁ ଆକାଶଯାଏଁ
ଧାଇଁବାରେ କ'ଣ
କେବେ ତୁମେ ଥକିପଡ଼ନି ?
ବାଟରେ ଏତେ ବିଘ୍ନ
କେବେ ବାଦଲ, କେବେ
ଧୂଳି ଝଡ଼ ତ କେବେ
ବତାସୀ ବାଆ...
କ'ଣ ଭାଙ୍ଗିପଡ଼େନି ମନୋବଳ
ତୁମ ମନୋବଳ ?

କେବେ ଭାଙ୍ଗି ଯାଏନା ତୁମ ସ୍ୱପ୍ନ ?
କେମିତି କୁହ, ଅଜସ୍ର ଲୁହ,
ଅଥୟ କୋହକୁ ଲୁଚାଇପାର ?
କେମିତି ଶିଖ ହସିବାର କଳା ବାପା,
ଏତେ ଗ୍ଲାନି, ଏତେ ଦୁଃଖରେ ?

ତୁମକୁ କଳୁକଳୁ
ଜୀବନ ମୋ' ଗଢ଼ି ହେଇଯାଏ...
ତୁମ ଭିତରୁ ଝପଟି ସେ ସିଂହଟିଏ
ମୋ' ରକ୍ତକୁ, ଓ ମୁଁ
ଶକ୍ତ ହୋଇ ଠିଆହୁଏ
ମୋ'ର ସବୁ ପ୍ରତିକୂଳତାର ବିପକ୍ଷରେ... ।।

**– କୁଦିଆରୀ, ଜଟଣୀ, ଖୋର୍ଦ୍ଧା**

# ବର୍ଷା

## ବିନୟ କୁମାର ଦାଶ

ଏତେ ଦୂର ନୁହେଁ,
ଦୂରତା,
ମାପକାଠିରେ
ସେତେ ଉଚ୍ଚ ନୁହେଁ,
ଉଚ୍ଚତା !

ବର୍ଷାରେ ଭିଜିବାକୁ ଭଲ ପାଉଥିବା
ଲୋକ ଖୋଜେ ନା...

ଏତେ ଦୂର, ଉଚ୍ଚତା
ଆକାଶର...
ଏତେ ଉଚ୍ଚ, ଦୂରତା
ମେଘର...

ବରଷା ତ ବର୍ଷା !

ବର୍ଷା ?
ବର୍ଷାର ରଙ୍ଗ,
ଘର, ଗାଁ, ଠିକଣା
ରାସ୍ତା,

ବରଷା ବରଷାରେ ଭିଜିବାକୁ
ଭଲ ପାଉଥିବା ଲୋକ, ଭିଜେ
ଖୋଜେନା, ଆଉ
ଖୁବ୍ ଭିଜିବାକୁ ହିଁ ଭଲପାଏ !

**– ଗୁରୁକଲ୍ୟାଣନଗର, କଣ୍ଟାବାଞ୍ଜି, ବଲାଙ୍ଗୀର**

ଗୀତି-କବିତା

# ଦିନେ ସପନେ

## ଶରତ ଦାଶ

ସପନେ ଦିନେ
ଆସି ଗୋପନେ
କହିଲ ପାଅ ଭଲ,
ଜାଳୁଛ ଦୀପ
ନିତି ମନ୍ଦିରେ
ସଅଁପି ପୂଜାଫୁଲ ।।

କହିଲ ପୁଣି
ଭାବ ଆବେଗେ
ମୋ' ସାଥେ ତୁମ ପ୍ରୀତି
ଜନ୍ମଜନ୍ମର
ବନ୍ଧନ କାଳେ
ସୁଦୃଢ଼ ତା'ର ଭିତ୍ତି ।।

ସପନେ ଦେଲ
ଅଧରେ ଚୁମା
ବାହୁବନ୍ଧନେ ଭିଡ଼ି,
ଜଡ଼ାଇ ଦେଲ
ତନୁରେ ତନୁ
ପ୍ରଣୟେ ଗଲି ବୁଡ଼ି ।।

ତପ୍ତ କାଞ୍ଚନ
ତନୁରେ ତୁମ
ମଲ୍ଲୀ ମାଳତୀ ବାସ,
ପ୍ରୀତି ତୁମର
ବଡ଼ ମଧୁର
ରାକା ରଜନୀ ରାସ ।।

ଅଜଣା କେତେ
ପୁଲକ ଆହା
ଚହଟି ଗଲା ଦେହେ,
ଲଭିଲି ଶାନ୍ତି
ସ୍ୱର୍ଗ ଆନନ୍ଦ
ଭାଷାରେ କହି ନୁହେଁ ।।

ପାହିଲା ରାତି
ଭାଜିଲା ନିଦ
ସପନ ଗଲା ଟୁଟି,
ଖୋଜୁଛି ଆଜି
ନୟନ ବୁଜି
ବିରହ ଲୁହେ ଲୋଟି ।।

**– ଭୁବନେଶ୍ୱର**

# 'ଇସ୍ତାହାର' ଆଣିଲା ମୋ' ଭିତରେ 'ସମାଲୋଚକ'ର ନିଷ୍ଠା...




ଏକ ଛଳଛଳ ଅନ୍ୟମନସ୍କତାରୁ ଆରମ୍ଭ ହୋଇଥିଲା ମୋର ସାହିତ୍ୟ ସର୍ଜନା। ଏଇ ଅନ୍ୟମନସ୍କତା କେତେବେଳେ ଲୁହ ହୋଇ ତ କେତେବେଳେ ଲହୁ ହୋଇ ମୋ' ଭିତରେ ଲୁଚକାଳି ଖେଳୁଥିଲେ। ଜୀବନର ଦୈନନ୍ଦିନତାରେ ଛନ୍ଦି ହୋଇ ପଡୁଥିବା ମୋ' ଆତ୍ମସତ୍ତା କବିତା ମାଧ୍ୟମରେ ହିଁ ନିଜକୁ ପ୍ରକାଶ କରିବାର ସାମର୍ଥ୍ୟ ଯୋଗାଡ଼ିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟୟନ କାଳରେ ବିଶ୍ୱବିଦ୍ୟାଳୟ ମୁଖପତ୍ର 'ବାଣୀବିକାଶ' ସମ୍ପାଦନା କରିବାର ସୁଯୋଗ ପାଇଥିଲି। ଏହା ହିଁ ଥିଲା ମୋ' ସୃଜନସତ୍ତାର ପ୍ରଥମ ପ୍ରାମାଣିକ ମୁଦ୍ରିତ ପରିପ୍ରକାଶ। ଆଦ୍ୟ ଯୌବନର ଉନ୍ମାଦନା, ଜିଜ୍ଞାସୁ ଛାତ୍ରର ଅନୁସନ୍ଧିତ୍ସା ଓ କାବ୍ୟ ଭାଷାର ସହବନ୍ଧନରେ ମୋର ସୃଜନଶୀଳତା ପ୍ରକାଶିତ ହେବା ପରେ ଅନିଦ୍ରାରେ ଅନେକ ରାତି କଟିଥିଲା। ସେ ରାତିର କଥା କ'ଣ କହି ହେବ ସତରେ? ମୋତେ ଲାଗୁଥିଲା ମୁଁ ଗୋଟିଏ ବନ୍ଦ କାରାଗାର ଓ ମୋ' ଭିତରୁ ଫକସି ଉଠୁଛି ସୃଜନର କୁଆଁତାରା। ସେ ତାରାଟି କ୍ରମଶଃ ବଡ଼ ହେଉଛି ଓ ତା'ର ଆଲୋକରେ ମୋ' ଗାଁ, ମାଆ, ଧାନକ୍ଷେତ, ନଈପଠା, ଭଉଣୀ, ପ୍ରେମିକା ସବୁ ଉଜ୍ଜ୍ୱଳ ଦିଶୁଛନ୍ତି। ମୋ' କବିତ୍ୱର କୁମାର ସତ୍ତା ପଲ୍ଲବି ଉଠୁଛି। କବିତା ପରେ କବିତାର ରଚନା ଓ ପତ୍ରପତ୍ରିକାରେ ସେସବୁର ପ୍ରକାଶ ମୋତେ ଉତ୍ସାହିତ କଲା। ମୋ' ଡାଏରୀ ଯେତିକି ଭର୍ତ୍ତି ହେଲା କବିତାରେ, ସେତିକି ଓଦା ହେଲା ଲୁହରେ। କବିତା ସହିତ ହାତ ଧରାଧରି ହୋଇ ସାହିତ୍ୟ ସମାଲୋଚନା ଲେଖିବା ସମାନ୍ତରାଳ ଭାବରେ ଆରମ୍ଭ ହୋଇଥିଲା। ମୋର କାବ୍ୟଗୁରୁ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ରାମଚନ୍ଦ୍ର ବେହେରାଙ୍କ 'ବଞ୍ଚି ରହିବା' ଗଳ୍ପ ସଂକଳନ ମୋ' ଦ୍ୱାରା ସମୀକ୍ଷା କରାଇ ୧୯୯୪ ପୂଜାସଂଖ୍ୟା 'ଇସ୍ତାହାର'ରେ ପ୍ରକାଶ କରିଥିଲେ। ସେତେବେଳେ 'ଇସ୍ତାହାର' ଏକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଓ ଏଥିରେ ଲେଖାଲେଖି କରୁଥିବା ଲେଖକମାନେ ସମସ୍ତେ ପ୍ରାୟ ପ୍ରତିଷ୍ଠିତ। ମୋ'ପରି ଜଣେ ତରୁଣ ଏଥିରେ ଯୋଡ଼ି ହୋଇଥିବାରୁ ଏହା ମୋତେ ଅପୂର୍ବ ଆନନ୍ଦ ଆଣି ଦେବା ସହ ସୃଜନ କର୍ମ ପାଇଁ ସାହସ ବି ଯୋଗାଇଥିଲା। 'ଇସ୍ତାହାର'ରେ ମୋର ମୁଦ୍ରିତ ଆଲୋଚନା ମୁଁ ଦେଖିବା ପରେ ଜଣେ ସମାଲୋଚକ ହେବାର ନିଷ୍ଠା ମୋ' ଭିତରେ ସୃଷ୍ଟି ହେଲା। ସେଇ ଉନ୍ମାଦିତ ପୁଲକ ଏବେ ମଧ୍ୟ ମୋତେ କ୍ରିୟାଶୀଳ କରି ରଖିଛି।

**– ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ**

ଦିଲୀପ କୁମାର ସ୍ୱାଇଁଙ୍କ ଜନ୍ମ ୧୯୭୧ ମସିହା ଦୋଳପୂର୍ଣ୍ଣିମାରେ, କେନ୍ଦ୍ରାପଡ଼ା ଜିଲା କରିଲୋପାଟଣାର ଜଳପୋକ ଗାଁରେ। ପ୍ରକାଶିତ ଗ୍ରନ୍ଥ–କବିତା: 'ପକ୍ଷୀ ପରକୀୟା', 'ଯୋଗୀ ଗୀତ' ଓ 'ଧାନଫୁଲ କାନଫୁଲ'; ସମାଲୋଚନା: 'ଲୋକ ଜୀବନ ଓ ଲୋକ ସାହିତ୍ୟ', 'ଉତ୍ତର ଆଧୁନିକ କାବ୍ୟଧାରା', 'ନୂଆ କବିତାର ନକ୍ସା', 'କାରାଗାରରୁ କୁଆଁତାରା', 'ବିଦଗ୍ଧ କାବ୍ୟବୋଧ' ଓ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା'। ପ୍ରାପ୍ତ ବହୁ ସମ୍ମାନ ମଧ୍ୟରୁ ପ୍ରମୁଖ କେତୋଟି ହେଲା– 'ଭାରତୀୟ ଭାଷା ପରିଷଦ' ସମ୍ମାନ, 'ଲେଖାଲେଖି' ଯୁବ କବି ସମ୍ମାନ ଓ 'ପୁନର୍ନବା କବିତା ସମ୍ମାନ'।



ଦିଲୀପ କୁମାର ସ୍ୱାଇଁ



## ପୁସ୍ତକ ପରିଚୟ

### ଅପରାଜିତାର ଦିନରାତି

**କବି: ପ୍ରବାସିନୀ ମହାକୁଡ଼**
**ପ୍ରକାଶକ: ଅକ୍ଷର, କଲ୍ୟାଣୀନଗର, କଟକ–୧୩**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ.୧୭୫/–**




୭୨ଟି କବିତା ଅଛି ବହିଟିରେ, କିନ୍ତୁ କେଉଁଠି ନାହିଁ 'ଅପରାଜିତାର ଦିନରାତି' ଶୀର୍ଷକରେ ଗୋଟିଏ ବି କବିତା। ଏହି ଅପରାଜିତା ଖୁବ୍ ସଂଭବତଃ କବିଂକର ସୁକୁମାର ଅଂତଃସତ୍ତା, ଯିଏ ନିଜକୁ ଉନ୍ମୋଚିତ କରି ଚାଲିଛି ପ୍ରତିଟି କବିତାରେ ଖୁବ୍ ବିଶ୍ୱସ୍ତତାର ସହ। କବିତାଗୁଡ଼ିକ ମିତବାକ୍, ଠାକୁରପାରାର ଉଷ୍ମ ଦୁକ୍‌ଦୁକ୍ ପରି ସ୍ଥୂଳତାର ଊର୍ଦ୍ଧ୍ୱରେ ସୂକ୍ଷ୍ମ ଏକ ମାନବୀୟ ସ୍ପନ୍ଦନରେ ପ୍ରାୟ ଶବ୍ଦ ସ୍ପନ୍ଦିତ। କବି ତାଂକ କବିତାକୁ ଚିହ୍ନେଇଦବାକୁ ଯାଇ କହନ୍ତି: ''ମୋ' ଛୋଟିଆ ସହରର ବାସନ୍ତୀ ସକାଳର ଦୃଶ୍ୟକୁ/ କବିତା ହିଁ ରଚିଥାଏ/ ନେଇ ଆସିଥାଏ ଅଭିଧାନରୁ/ ସବୁତକ ସୁଂଦର ଶବ୍ଦ।'' (କବିତାର ଅଭାବରେ, ପୃ:୦୮)। 'ସିଲ୍‌ଭିୟା ପ୍ଲାଥ୍' ଶୀର୍ଷକ କବିତାରେ ସିଲ୍‌ଭିୟାଂକ ଜୀବନର ବିଫଳତା, ପରାଜୟ ଓ ନିଃସଂଗତା ଭିତରେ ଧରାଦିଅନ୍ତି କବି। ମୃତ୍ୟୁକୁ ଫାଂକି ଦିଅଂତି ଅନାୟାସରେ। ଜୀବନ ତାଂକ ପାଇଁ ଅପରିହାର୍ଯ୍ୟ ହୋଇଉଠେ– ''ଅସମୟରେ ମରିବାର ଥିଲେ/ କେବେଠୁ ମରି ସାରନ୍ତିଣି/ ସିଲ୍‌ଭିୟା!/ ମୁଁ ଜୀବନକୁ ଖୁବ୍ ଭଲପାଏ/ଭଲପାଏ ବୋଲି ତ/ ପ୍ରତ୍ୟହ ମରିବା ଭିତରେ ବି ଜିଏ।'' କବିତାର ଶେଷ ବାକ୍ୟଟି ଗୁରୁତ୍ୱପୂର୍ଣ୍ଣ। କବି ମରିବା ଭିତରେ ଜିଇ ରହନ୍ତି ଏଇଥିପାଇଁ ଯେ ସିଲ୍‌ଭିୟାଙ୍କ ବାକି ଥିବା କବିତା ତାଙ୍କରି ଦ୍ୱାରା ହିଁ ଲେଖାଯିବାକୁ ଥାଏ। ପ୍ରବାସିନୀଙ୍କ କବିତାରେ ଠାଏଠାଏ ଯଦିଓ ଶବ୍ଦମାନେ ନିଜନିଜ ସ୍ଥାନ ବାଛିନେବାରେ ଛୋଟଛୋଟ ଭୁଲ କରି ବସନ୍ତି, ତେବେ ଏହା ତାଂକ କବିତାର ଦୃପ୍ତ ସ୍ୱରକୁ ମ୍ରିୟମାଣ କରିପାରେ ନାହିଁ। ଓଡ଼ିଆ କବିତାର ସାରଣୀରେ 'ଅପରାଜିତାର ଦିନରାତି' ଏକ ବିରଳ ସଂଯୋଗ।

### ଜଗା ଦାସର ଭାଗବତ

**ଲେଖକ: ଦେଶବନ୍ଧୁ ସ୍ୱାଇଁ**
**ପ୍ରକାଶକ: କାବ୍ୟଲୋକ, ଜଟଣୀ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୮,**
**ମୂଲ୍ୟ: ଟ.୧୬୦/–**




ବହିଟିରେ ମୋଟ ୧୭ଟି ଗଳ୍ପ ସ୍ଥାନ ପାଇଛି ଓ ପ୍ରଥମ ଗଳ୍ପ 'ଜଗା ଦାସର ଭାଗବତ' ହୋଇଛି ବହିର ଶିରୋନାମ। ଲେଖକଙ୍କ ସଂପର୍କରେ 'ପ୍ରଚ୍ଛଦଲେଖ'ରେ କୁହାଯାଇଛି: ''ଏହି ଗାଳ୍ପିକ ଅଳ୍ପ ଲେଖନ୍ତି, କିନ୍ତୁ ମନକୁ ଛୁଅନ୍ତି ବେଶୀ।'' ଶୀର୍ଷକ ଗଳ୍ପ ସମେତ 'ମୃଗୁଣୀ ସ୍ତୁତି', 'ଦିଅଁ ଦେଖି ଯିବାଗୋ ସହୀ', 'ନାନା ରଙ୍ଗେ ବର୍ଷା', 'ରାଜା ପୁଅ ରାଜା ଝିଅ ଓ ମାଲୁଣୀ କାହାଣୀ', 'ମଧୁର ମିଥ୍ୟା', 'ଅପରାଜିତା', 'ପବିତ୍ର ପାପୀ' ଓ 'ଜାରଜ' ବା 'ଯଶୋଦା ବିଳାପ' ଭଳି ଗଳ୍ପଗୁଡ଼ିକ ଜୀବନ ଓ ସମାଜର ଚିରନ୍ତନ ସତ୍ୟକୁ ଉଦ୍‌ଭାସିତ କରୁଥିବାରୁ ଏଗୁଡ଼ିକ ପାଠିକାପାଠକଙ୍କ ଆଦୃତି ପାଇବ ବୋଲି ଆଶା। ଗଳ୍ପର ଭାଷା ସରଳ, କିନ୍ତୁ ଭାବପ୍ରବୋଧନରେ ଶକ୍ତିଶାଳୀ।

### ବାପା

**କବି: ଶ୍ୟାମ ପ୍ରକାଶ ସେନାପତି**
**ପ୍ରକାଶକ: ବିଜୟିନୀ ପବ୍ଲିକେଶନ୍ସ, କଟକ–୧୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୬୦/–**

'ବାପା' କବିତା ବହିର ୫୨ଟିଯାକ ବିଭାଜନରେ ଶ୍ୟାମ ପ୍ରକାଶଂକ ଅନୁଭୂତିର ଯେଉଁ ନିବିଡ଼ତା ଧରାଦେଇଛି, ତାହା ତାଂକ ସମକାଳର ଖୁବ୍ କମ୍ କବିଙ୍କ କବିତାରେ ପରିଦୃଷ୍ଟ ହୁଏ। ଡ. ଦିଲୀପ କୁମାର ସ୍ୱାଇଁ ଲେଖିଛନ୍ତି– ''ଶ୍ୟାମ ବଜାର କରେ, ଘର ସଜାଡ଼େ, କବିତା ଲେଖେ, ସଭାରେ ବସେ x x ସ୍ୱର୍ଗଦ୍ୱାରଠାରୁ ସିଂହଦ୍ୱାରଯାଏଁ ସବୁଠି ବାଣ୍ଟିଦିଏ ନିଜକୁ। x x ଯେଉଁ ଟିକକ ସମୟ ସେ ଏକଲା ହୋଇଯାଏ– ମନେ ପଡ଼ିଯାଆନ୍ତି ବାପା। ଆଜି ଯଦି ବାପା ଥାଆନ୍ତେ?'' 'ଷଠିଘର' ଶୀର୍ଷକ ଗଦ୍ୟରେ ସେ କହିଛନ୍ତି: ''ବାପାଙ୍କ ଜୁଇ ଜାଳିଦେଇ ସେହି ସ୍ମୃତିର ନିଆଁରେ ଜଳିଯିବା ଭାରି କଷ୍ଟ। ମୁଁ ଏମିତି ଏକ ରାସ୍ତାରେ ବାଟୋଇ, ଯେଉଁଠି ଛାଇ ଟିକିଏ ନାହିଁ। କୋଇଲିର ଗୀତ ନାହିଁ। ଶ୍ରାବଣ ଆକାଶ ନାହିଁ। ବାପାଙ୍କ କାନ୍ଧ ନାହିଁ।'' ପୁଣି କହନ୍ତି: ''ପ୍ରତିଟି ପ୍ରିୟ ଦୁଃଖର ଛାତି ଚିରି ଜନ୍ମ ନେଇଛି 'ବାପା' କବିତା।'' କବିତାରୁ ଦୁଇଟି ପଂକ୍ତି: ୧. ''ବାପା, ତମେ ଏକ ବରଗଛ ଛାଇ/ ତମ ଛାଇରେ ଥରେ ବସିଗଲେ/ ଖରା କାଟେ ନାହିଁ।'' ୨. ''ବାପା, ତୁମେ ଦୁହେଁ ତୁଳସୀ ଚଉରା ପରି/ ଶୋଭା ପାଉଥିଲ ଆମ ଅଗଣାରେ।'' ହାତ ଧରାଧରି ହେଇ ଏ ସଂସାରରୁ ଚାଲି ଯାଇଥିବା ବାପା ଓ ବୋଉଙ୍କ ପାଇଁ ଶ୍ୟାମ ପ୍ରକାଶଂକର ଏ ଅନ୍ତର ନିଗିଡ଼ା ପ୍ରତିବେଦନ କେବଳ 'ଶବ୍ଦ' ନୁହଁ, 'ଶବ୍ଦ' ଭିତରର 'ନିଃଶବ୍ଦ' ବି!




### ମନଟିଏ ଲୋଡ଼ା

**ଲେଖକ: ବୈକୁଣ୍ଠନାଥ ମିଶ୍ର**
**ପ୍ରକାଶକ: ବସନ୍ତ ମାଝି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ ଟ. ୧୫୦/–**

ପୁସ୍ତକଟି ହେଉଛି 'ଧରିତ୍ରୀ'ରେ ପ୍ରକାଶିତ ଲେଖକଙ୍କ ସ୍ତମ୍ଭ–ରଚନାର ଏକ ସଂଗ୍ରହ। ସାଂପ୍ରତିକ ସମାଜରେ ନିତିପ୍ରତି ଘଟୁଥିବା ଘଟଣା ଓ ଦୁର୍ଘଟଣାର ନିଚ୍ଛକ ଚିତ୍ରକୁ ନିଜସ୍ୱ ରୀତିରେ ଉପସ୍ଥାପନା କରିଛନ୍ତି ଲେଖକ ଗ୍ରନ୍ଥସ୍ଥ ମୋଟ ୪୨ଟି ଲେଖାରେ। କେବଳ ଘଟଣା ବା ତଥ୍ୟର ପଞ୍ଜୀକରଣ ନୁହେଁ, ଉପସ୍ଥାପିତ ପ୍ରସଙ୍ଗଗୁଡ଼ିକ ଉପରେ ତଥ୍ୟପୂର୍ଣ୍ଣ ବିଶ୍ଳେଷଣ ମଧ୍ୟ କରିଛନ୍ତି ସେ। ସଂକଳିତ ସ୍ତମ୍ଭଗୁଡ଼ିକରେ ରହିଛି ପ୍ରୟୋଜନୀୟ ଯୁକ୍ତିନିଷ୍ଠତା ଓ ପୋଷିତ ଦୃଷ୍ଟିଭଙ୍ଗୀଟି ସକାରାତ୍ମକ। 'ଉପେକ୍ଷିତ ବାର୍ଦ୍ଧକ୍ୟ', 'ମନ୍ଦିର ନୁହେଁ, ମନଟିଏ ଲୋଡ଼ା', 'ଆମ ସୁଖ ଆମ ହାତରେ', 'ବାସ୍ତବ ବନ୍ଧୁତା', 'ମାଗୁଣିର ଅବସୋସ', 'ଅସଜଡ଼ା ପ୍ରାଥମିକ ଶିକ୍ଷା', 'ଭାଷା ସୁରକ୍ଷା ପ୍ରତି ଆମର ଆନ୍ତରିକତା', 'ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ', 'ଆମ ଜଙ୍ଗଲ ସୁରକ୍ଷା ଓ କୃଷି', 'ପଖାଳ ପ୍ରିୟ ଓଡ଼ିଆ', 'ସବୁ ତୁମ୍ଭ ପରସାଦ', 'ପ୍ରଦୂଷଣରେ ପଥହରା ପୃଥିବୀ', 'ଚେହେରା ତଳର ସଇତାନ' ଓ 'ସବୁ ସେଇ ଗାତର ଦୋଷ' ପ୍ରଭୃତି ଲେଖାଗୁଡ଼ିକ ଯେତିକି ମନନଶୀଳ, ସେତିକି ମୌଳିକ ବିଚାରବତ୍ତାରେ ସଂପନ୍ନ। ଗ୍ରନ୍ଥଟିର ପାଠକୀୟ ଆଦୃତି ଆମର କାମନା।




### ଚେତନାର ଚିତ୍ରକର ଚନ୍ଦ୍ରଶେଖର

**ସଂପାଦନା: ଶଶିଭୂଷଣ ରଥ**
**ପ୍ରକାଶକ: ଚନ୍ଦ୍ରଶେଖର ସ୍ମୃତି ପରିଷଦ, ଭୁବନେଶ୍ୱର–୧୫**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୩୫୦/–**




ବହିଟି ପ୍ରୟାତ କଥାଶିଳ୍ପୀ ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥଂକର ଲେଖା ଓ ତାଂକ ସ୍ମୃତିଚାରଣକୁ ନେଇ ପ୍ରସ୍ତୁତ। ସୁଲେଖକ ତାଂକ ପୁତ୍ର ଶଶିଭୂଷଣ ରଥ ଏହାର ସଂପାଦନା କରିଛନ୍ତି। 'ଭୂମିକା'ରେ ଲେଖିଛନ୍ତି– ''ଚନ୍ଦ୍ରଶେଖର ରଥଙ୍କ ପ୍ରତ୍ୟେକଟି ଲେଖା ଅନନ୍ୟ, ତଥାପି କେତୋଟି ନିର୍ବାଚିତ ଲେଖା ଏଥିରେ ସ୍ଥାନିତ ହୋଇଛି; ଯେଉଁଗୁଡ଼ିକ ତାଂକ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ପ୍ରତି ସମ୍ୟକ୍ ଆଲୋକପାତ କରୁଛି। ଏଥିସହ ତାଂକର ପ୍ରିୟ ପଂକ୍ତି, ଅନେକ ଚିତ୍ରକଳା, କାଷ୍ଠ ପାଷାଣ ଖୋଦିତ ଭାସ୍କର୍ଯ୍ୟର ଫଟୋଚିତ୍ର ମଧ୍ୟ ଏ ବହିରେ ସଂକଳନ କରାଯାଇଛି। ତାଂକର ସ୍ମୃତିଚାରଣ କରିଥିବା ଅନେକ ଲେଖକ ପଠାଇଥିବା ଲେଖାଗୁଡ଼ିକ ସ୍ଥାନିତ ହୋଇଛି।'' ପୂର୍ବାଭାଷ, ଚନ୍ଦ୍ରଶେଖର ବିଚିତ୍ରା, ସମ୍ୟକ୍ ଦୃଷ୍ଟି, ଅସ୍ତରାଗ, କିଛି ସ୍ମୃତି କିଛି ଅନୁଭୂତି, ସ୍ମୃତି ସ୍ତବକ, ଶ୍ରଦ୍ଧାଞ୍ଜଳି, ଶୋକବାର୍ତ୍ତା ଏବଂ ଆଲୋକଚିତ୍ର ଆଦି ବିଭାଗରେ ବହୁ ପ୍ରତିଷ୍ଠିତ ଲେଖିକାଲେଖକଙ୍କ ଲେଖା ଚନ୍ଦ୍ରଶେଖରଙ୍କ ବ୍ୟକ୍ତିତ୍ୱ ଓ କୃତିକୁ ପାଠିକାପାଠକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହୋଇଛି। ବହିଟିରେ ସ୍ଥାନିତ 'ସୁଭାଷିତ ଉକ୍ତି ମଞ୍ଜୁଷିକା' ଓ ତାଙ୍କ ଭାସ୍କର୍ଯ୍ୟର ଫଟୋଚିତ୍ର ଅତି ଦୁର୍ଲଭ। ଏହାର ବହୁଳ ପ୍ରସାର ଆଶା କରାଯାଏ।